୬

ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ଘୋଷଣା ହେଲା ଭାରତୀୟ ମହିଳା ଦଳ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୩୫୮ ● ୨୫ ଜାନୁଆରୀ ୨୦୨୬, ରବିବାର ● ଭୁବନେଶ୍ୱର ● Vol -32 ● Issue-358 ● 25th January 2026, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନୀତି ଆୟୋଗ ଉପାଧ୍ୟକ୍ଷ

ସହରାଞ୍ଚଳ ବିକାଶ ପାଇଁ ନୀତି ଆୟୋଗର ସମର୍ଥନ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୧
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରୀ, ନୀତି ଆୟୋଗର ସଦସ୍ୟ ଡକ୍ଟର ଅରବିନ୍ଦ ବୀରମଣି ସାକ୍ଷାତ କରିଛନ୍ତି। ଓଡ଼ିଶା ସରକାର ଏବଂ ନୀତି ଆୟୋଗ ମଧ୍ୟରେ ସହଭାଗୀତାକୁ ନେଇ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଛି। ଏଥିରେ ଓଡ଼ିଶାର ବିକାଶ ପ୍ରାଥମିକତା, ଚାଲୁଥିବା ସଂସ୍କାର ଏବଂ ରାଜ୍ୟ ସରକାର ଓ ନୀତି ଆୟୋଗ ମଧ୍ୟରେ ଭବିଷ୍ୟତର ସହଯୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଭିତ୍ତିଭୂମି ବିକାଶ ଏବଂ ସଂଯୋଗୀକରଣ, ବିଶେଷକରି ରାସ୍ତା, ଜଳସେଚନ, ବିଦ୍ୟୁତ୍ ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ଓଡ଼ିଶା ଦ୍ୱାରା ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ଉପରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ। ଯାହା ଶିଳ୍ପ ପ୍ରସାର ଏବଂ ଗ୍ରାମୀଣ ଅଭିବୃଦ୍ଧିକୁ ପରିଚାଳିତ କରୁଛି ବୋଲି କହିଥିଲେ। ସେ ସ୍ଥାନୀୟ ଆର୍ଥିକ ସମ୍ଭାବନା ସହିତ ସମନ୍ୱିତ ଦକ୍ଷତା ବିକାଶ ମାଧ୍ୟମରେ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ସୁଦୃଢ଼ କରିବା, ଉତ୍ପାଦନ କ୍ଲଷ୍ଟର ବିକାଶ କରିବା, ନିବେଶକ ଆକର୍ଷିତ କରିବା ଏବଂ ନିଯୁକ୍ତି ସୃଷ୍ଟି କରିବା ପ୍ରତି ରାଜ୍ୟର ଆଭିମୁଖ୍ୟ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନୀତି ଆୟୋଗର ସମର୍ଥନ ଲୋଡ଼ିଥିଲେ। ଯାହାକୁ ରାଜ୍ୟର ଅଭିବୃଦ୍ଧି ଏବଂ ଦ୍ରୁତ ସହରୀକରଣର ଏକ ପ୍ରମୁଖ ଇଞ୍ଜିନ ଭାବରେ ପରିକଳ୍ପିତ କରାଯାଇଛି। ସେ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରାୟ ୯୦ ଟି ପ୍ରାଥମିକତା ପ୍ରକଳ୍ପ ସହିତ ପ୍ରସ୍ତାବିତ ଅର୍ଥନୈତିକ କ୍ଷେତ୍ର ଓଡ଼ିଶାର ସହରାଞ୍ଚଳ ଏବଂ ଶିଳ୍ପ ପରିଦୃଶ୍ୟକୁ ପରିବର୍ତ୍ତନ କରିବାର *(ପୃଷ୍ଠା ୭ରେ)*

ବଜେଟ୍ ପୂର୍ବରୁ ୨୭ରେ ସର୍ବଦଳୀୟ ବୈଠକ

୨୮ରେ ରାଷ୍ଟ୍ରପତିଙ୍କ ଅଭିଭାଷଣ

ନୂଆଦିଲ୍ଲୀ, ୨୪।୧

ଆଗାମୀ ବଜେଟ୍ ଅଧିବେଶନ ପୂର୍ବରୁ ରାଜନୈତିକ ସହମତି ଗଠନ ପାଇଁ ସରକାର ପ୍ରୟାସ ଜୋରଦାର କରିଛନ୍ତି। ପାର୍ଲାମେଣ୍ଟର ଆଗାମୀ ବଜେଟ ଅଧିବେଶନର ଗୋଟିଏ ଦିନ ପୂର୍ବରୁ ଆସନ୍ତା ୨୭ ତାରିଖରେ ଏକ ସର୍ବଦଳୀୟ ବୈଠକ ଡକାଯାଇଛି। ଏହି ବୈଠକରେ ବିଧାନସଭା କାର୍ଯ୍ୟସୂଚୀ ଏବଂ ଅଧିବେଶନ ସମୟରେ ଉପୁଜିଥିବା ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ। ଅଧିବେଶନର ସୁଗମ ପରିଚାଳନା ସୁନିଶ୍ଚିତ କରିବା ଏବଂ ସମସ୍ତ ଦଳର ମତାମତ ନେବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି।

ବଜେଟ ଅଧିବେଶନ ଆସନ୍ତା ୨୮ ତାରିଖରେ ଲୋକ ସଭା ଏବଂ ରାଜ୍ୟ ସଭାର ମିଳିତ ଅଧିବେଶନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ସହିତ ଆରମ୍ଭ ହେବ। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁଙ୍କ ଦ୍ୱାରା ଡକାଯାଇଥିବା ସର୍ବଦଳୀୟ ବୈଠକ ଆସନ୍ତା ୨୭ ତାରିଖ ସକାଳ ୧୧ଟାରେ ସଂସଦ ଭବନ ଆନେକ୍ସର ମୁଖ୍ୟ କମିଟି କକ୍ଷରେ ଅନୁଷ୍ଠିତ ହେବ। ସରକାର ଏବଂ ବିରୋଧୀ ଅଧିବେଶନର କାର୍ଯ୍ୟସୂଚୀ ଉପରେ ସେମାନଙ୍କର ମତାମତ ଉପସ୍ଥାପନ କରିବେ।

ଏଥର କେନ୍ଦ୍ରୀୟ ବଜେଟ ଫେବୃଆରୀ ୧ ତାରିଖ ରବିବାର ଦିନ ଉପସ୍ଥାପନ କରାଯିବ। ଏହାକୁ ସଂସଦର ଇତିହାସରେ ଏକ ବିରଳ ଘଟଣା ବୋଲି ବିବେଚନା କରାଯାଏ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ତାଙ୍କର ଲଗାତାର ନବମ ବଜେଟ୍ ଉପସ୍ଥାପନ କରିବେ। ବଜେଟ ଅଧିବେଶନ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିବେଶନର ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୧୩ ତାରିଖରେ ଶେଷ ହେବ। ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ ତାରିଖରେ ଆରମ୍ଭ ହେବ।

ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୧
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି, *(ପୃଷ୍ଠା ୭ରେ)*

ଆଜିର ମୁଖ୍ୟ ଖବର

- କେନ୍ଦ୍ରୀୟ କର୍ମଚାରୀଙ୍କ ବେତନ ଓ ପେନସନ ସଂଶୋଧନ।
- ରାଷ୍ଟ୍ରପତି ଭବନରେ ନୂଆ ସାହିତ୍ୟ କେନ୍ଦ୍ର ଉଦ୍‌ଘାଟନ।
- ଗଣତନ୍ତ୍ର ଦିବସ ପାଇଁ ଦେଶବ୍ୟାପୀ ସୁରକ୍ଷା।
- ଦେଶର ଅର୍ଥନୈତିକ ଓ ଜାଞ୍ଚାଗତ ବିକାଶ ଉପରେ ଗୁରୁତ୍ୱ।
- ମହାନଦୀ ବିବାଦ ଟ୍ରିବ୍ୟୁନାଲର ଅବଧି ବଢ଼ାଇବାକୁ ରାଜ୍ୟର ଦାବି।
- ଓଡ଼ିଶାର ତିନି ବୌଦ୍ଧ ଐତିହ୍ୟ ସ୍ଥଳ ଅନ୍ତର୍ଜାତୀୟ ତାଲିକାରେ।
- ପଠାଣୀ ସାମନ୍ତ ଗ୍ରହମଣ୍ଡଳର ଆଧୁନିକୀକରଣ।

ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୬, ୦୨୬ (+୩୧୧)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୬୯୦ (+୨୮୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨, ୦୧୯ (+୨୩୩)

ରୁପା ଦର

ରୂପା – ପ୍ରତି ଗ୍ରାମ ୩୬୫ (+୫)

୨/୩ ମାସ ପୂର୍ବରୁ ହୋଇପାରେ ପଞ୍ଚାୟତ ନିର୍ବାଚନ

ଭୁବନେଶ୍ୱର, ୨୪।୧
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଆଗୁଆ ହୋଇପାରେ। ଏହି ନିର୍ବାଚନ ୨ରୁ ୩ମାସ ପୂର୍ବରୁ ହୋଇପାରେ।

ସୂଚନାଯୋଗ୍ୟ, ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଭୋଟର ତାଲିକାର 'ସ୍ୱତନ୍ତ୍ର ସଘନ ସଂଶୋଧନ' (ଏସ୍‌ଆଇଆର) ପ୍ରକ୍ରିୟା ଚାଲୁ ରହିଛି। ଆସନ୍ତା ଫେବ୍ରୁଆରୀ ମାସରେ ଏହା ଶେଷ ହେବ। ଏହାପରେ ତୃତୀୟ ପର୍ଯ୍ୟାୟରେ ଓଡ଼ିଶାରେ ଭୋଟର ତାଲିକାର ଏସ୍‌ଆଇଆର୍ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏହାକୁ ଲକ୍ଷ୍ୟ ରଖି ରାଜ୍ୟରେ ପ୍ରି-ଏସ୍‌ଆଇଆର୍ କାର୍ଯ୍ୟ ଆରମ୍ଭ ହୋଇସାରିଛି। ଠିକ୍ ଏମିତି ସମୟରେ ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଥିଲେ। ଓଡ଼ିଶାର ଏସ୍‌ଆଇଆର୍ ପ୍ରସ୍ତୁତି ସମ୍ପର୍କରେ ସେ ସମୀକ୍ଷା କରିଛନ୍ତି। ଚଳିତ ବର୍ଷ ଶେଷ ସୁଦ୍ଧା ଓଡ଼ିଶାର ଏସ୍‌ଆଇଆର୍ ପ୍ରକାଶ ପାଇବ ଓ ଏହା ଅନୁଯାୟୀ ରାଜ୍ୟରେ ୨୦୨୭ ମସିହାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କରିବାକୁ ପ୍ରସ୍ତୁତି ଚାଲିଛି।

ମିଳିଥିବା ସୂଚନା ଅନୁଯାୟୀ, ୨୦୦୨ ମସିହାରେ ଶେଷ ଥର ପାଇଁ ରାଜ୍ୟରେ ଏସ୍‌ଆଇଆର୍ ହୋଇଥିଲା। ଏବେ ପ୍ରି-ଏସ୍‌ଆଇଆର୍ କାର୍ଯ୍ୟରେ ୨୦୦୨ ମସିହା ଭୋଟର ତାଲିକା ଏବଂ ୨୦୨୪ ସାଧାରଣ ନିର୍ବାଚନ ପୂର୍ବର ଭୋଟର ତାଲିକାକୁ ଆଧାର କରି ସର୍ଭେ ଚାଲିଛି। ଏଥିରେ କେଉଁ ବୁଥିରେ ୨୦୦୨ ମସିହାରେ କେଉଁ ଭୋଟର ଥିଲେ, ସେମାନେ ୨୦୨୪ରେ ସେହି ବୁଥିରେ ଭୋଟ୍ ଦେଇଛନ୍ତି ନା ନାହିଁ ତାହା ଯାଞ୍ଚ କରାଯାଉଛି। ସେହି ଭୋଟର ଏବେ ଉକ୍ତ ବୁଥିରେ ଅଛନ୍ତି ନା କେଉଁଠି ଅଛନ୍ତି ତାହା ମ୍ୟାପିଂ କରାଯାଉଛି। ଯଦି କେହି ଭୋଟର ମରି ଯାଇଛନ୍ତି ତେବେ ତାଙ୍କୁ ତାଲିକାରୁ ବାଦ୍ ଦିଆଯାଉଛି। ଯଦି କୌଣସି ଝିଅ ବିବାହ ପରେ ଅନ୍ୟ ବୁଥିକୁ ଯାଇଛନ୍ତି ତେବେ ତାକୁ ମ୍ୟାପିଂ କରାଯାଇ ଉଲ୍ଲେଖ କରାଯାଉଛି। ଯାହାର ଦୁଇଟି ସ୍ଥାନରେ *(ପୃଷ୍ଠା ୭ରେ)*

୬୧ ହଜାର ଚାକିରି ବାଣ୍ଟିଲେ ମୋଦୀ

ନୂଆଦିଲ୍ଲୀ, ୨୪।୧

ନିଯୁକ୍ତିପତ୍ର ପାଇଲେ ୬୧ହଜାରରୁ ଅଧିକ ଯୁବକ, ଯୁବତୀ । ଶନିବାର ୧୮ତମ ରୋଜଗାର ମେଳା ଅବସରରେ ଏହି ନିଯୁକ୍ତିପତ୍ର ବାଣ୍ଟିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ବିଭିନ୍ନ ସରକାରୀ ବିଭାଗରେ ନବନିଯୁକ୍ତ ଯୁବକ ଯୁବତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଏହି ସମୟ ସମ୍ବିଧାନ ପ୍ରତି ଆପଣଙ୍କର ଦାୟିତ୍ୱର ନିକଟତର କରୁଛି । ୨୪ ଜାନୁଆରୀରେ ଆମର ସମ୍ବିଧାନ ଜନ ଗଣ ମନକୁ ଜାତୀୟ ସଙ୍ଗୀତ ଭାବରେ ଏବଂ ବନ୍ଦେ ମାତରମକୁ ଜାତୀୟ ଗୀତ ଭାବରେ ଗ୍ରହଣ ହୋଇଥିଲା । ଏହି ନିଯୁକ୍ତିପତ୍ର ଏକ ପ୍ରକାରେ ରାଷ୍ଟ୍ର ନିର୍ମାଣ ପାଇଁ ଏକ ନିମନ୍ତ୍ରଣ ପତ୍ର । ଏହା ଏକ ବିକଶିତ ଭାରତ ଆଡକୁ ଦିଗଦର୍ଶନ ଦେବା ପାଇଁ *(ପୃଷ୍ଠା ୭ରେ)*

୩୪୯ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ବାଣ୍ଟିଲେ କେନ୍ଦ୍ର ମନ୍ତ୍ରୀ

ଭୁବନେଶ୍ୱର, ୨୪।୧
ନ୍ୟୁଜ୍ ବ୍ୟୁରୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଆଭାସୀ ମାଧ୍ୟମରେ ଅଷ୍ଟାଦଶ ରୋଜଗାର ମେଳାକୁ ଉଦଘାଟନ କରିବା ସହିତ ସାରା ଦେଶରେ ୬୧ ହଜାରରୁ ଅଧିକ ଯୁବବଯୁବତୀଙ୍କୁ ସରକାରୀ ଚାକିରିର ନିଯୁକ୍ତି ପତ୍ର ବିତରଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ସିଏସ୍‌ଆଇଆର-ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ ପରିସରରେ ଏକ ନିଯୁକ୍ତି ମେଳା ଆୟୋଜନ କରାଯାଇଥିଲା। କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ସେ ୩୪୯ ଜଣ *(ପୃଷ୍ଠା ୭ରେ)*

'ବନ୍ଦେ ମାତରମ୍' ଗାନ ସମୟରେ ଛିଡା ହେବାକୁ ପଡିବ : ଖୁବଶୀଘ୍ର ଆସିବ ନିୟମ

ନୂଆଦିଲ୍ଲୀ, ୨୪।୧

କେନ୍ଦ୍ର ସରକାର ଜାତୀୟ ସଙ୍ଗୀତ "ଜନ ଗଣ ମନ" ପରି ଜାତୀୟ ଗୀତ "ବନ୍ଦେ ମାତରମ୍" ପାଇଁ ନିୟମ ଆଣିବାକୁ ବିଚାର କରୁଛନ୍ତି। ଏହି ମାସର ଆରମ୍ଭରେ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ଲିଖିତ "ବନ୍ଦେ ମାତରମ୍" ସ୍ୱାଧୀନତା ସଂଗ୍ରାମ ସମୟରେ ଏକ ପ୍ରମୁଖ ସ୍ଲୋଗାନ ପାଲଟିଥିଲା। ସମ୍ବିଧାନ ସଭା ଏହାକୁ ଜାତୀୟ ସଙ୍ଗୀତ ପରି ସମାନ ସମ୍ମାନ ଦେବାକୁ ଆହ୍ୱାନ କରାଯାଇଥିଲା। ତଥାପି, ବର୍ତ୍ତମାନ ଏହାର ଗାନ ପାଇଁ କୌଣସି ବାଧ୍ୟତାମୂଳକ ନିୟମ ନାହିଁ।

ଏକ ରିପୋର୍ଟ ଅନୁଯାୟୀ, ଗୃହ ମନ୍ତ୍ରଣାଳୟ ଦ୍ୱାରା ଡକାଯାଇଥିବା ଏକ ବୈଠକରେ ବରିଷ୍ଠ ଅଧିକାରୀମାନେ ଜାତୀୟ ସଙ୍ଗୀତ ପାଇଁ ମଧ୍ୟ ନିର୍ଦ୍ଦେଶାବଳୀ ସ୍ଥିର କରାଯିବା ଉଚିତ କି ନାହିଁ ସେ ବିଷୟରେ ଆଲୋଚନା କରିଥିଲେ। ଗୃହ ମନ୍ତ୍ରଣାଳୟର ଏକ ବୈଠକରେ ଏହି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ବୈଠକ ସମୟରେ, ଜାତୀୟ ଗୀତ ଗାନ କରିବାର ନିୟମ ଏବଂ *(ପୃଷ୍ଠା ୭ରେ)*

୫ ଅଧିକାରୀଙ୍କୁ ଗିରଫ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୪।୧
ନ୍ୟୁଜ୍ ବ୍ୟୁରୋ

ଜାନୁଆରୀ ୨୨ ତାରିଖକୁ ମାମଲା ଶୁଣାଣି ପାଇଁ ଥିଲା । ସେହିଦିନ ନଗର ଉନ୍ନୟନ ବିଭାଗ ସଚିବ ଉଷା ପାଢ଼ୀ ଏବଂ ଅନ୍ୟ ଅଧିକାରୀଙ୍କୁ ଜବାବ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ଅଧିକାରୀମାନେ ଅଦାଲତଙ୍କଠାରୁ ପୁଣି ସମୟ ଲୋଡ଼ିଥିଲେ । ଏହାକୁ ନେଇ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି । ତାରିଖ ପରେ ତାରିଖ ମାଗିଚାଲିବା ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ ମତ ଦେବା ସହ ଏହା ଅଦାଲତଙ୍କ ଆଦେଶର ଅବମାନନା ବୋଲି କହିଛନ୍ତି । ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ନଗର ଉନ୍ନୟନ ସଚିବ ଉଷା ପାଢ଼ୀଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ପୁଲିସ୍ କମିଶନର ସଚିବ, ଉଷା ପାଢ଼ୀ ଓ ଅନ୍ୟମାନଙ୍କୁ ଗିରଫ କରି ଆସନ୍ତା ୩୦ ତାରିଖ ସକାଳ ସାଢ଼େ ୧୦ଟାରେ ଅଦାଲତରେ ହାଜର କରାଇବେ । ଅବଶ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ଯଦି ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ ହୋଇଥାଏ ତାହେଲେ ଶ୍ରୀମତୀ ପାଢ଼ୀ ଓ ଅନ୍ୟ ଅଧିକାରୀମାନଙ୍କୁ ହାଜର କରାଇବା ଆବଶ୍ୟକ ନାହିଁ । ପିଲୋନା ମହାନ୍ତିଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଡି.କେ. ଶ୍ରୀପଦ ଏବଂ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ରୁଜୁ ଅଦାଲତ ଅବମାନନା ମାମଲାର ଶୁଣାଣି ୨୦୨୫ ଡିସେମ୍ବର ୧୨ରେ ହେବାକୁ ଧାର୍ଯ୍ୟ ହୋଇଥିଲା । ପ୍ରତିପକ୍ଷ ଜବାବ ପାଇଁ ସମୟ ଲୋଡ଼ିଥିଲେ । ତେଣୁ ଅଦାଲତ ଜାନୁଆରୀ ୨୨ ତାରିଖକୁ ଦିନ ଧାର୍ଯ୍ୟ କରିଥିଲେ । କିନ୍ତୁ ୨୨ରେ ମଧ୍ୟ ପ୍ରତିପକ୍ଷ ସମୟ ଲୋଡିଥିଲେ । ହାଇକୋର୍ଟ ଆଦେଶରେ କହିଛନ୍ତି ଯେ, ଏହିସବୁ ମାମଲାର ସ୍ୱତନ୍ତ୍ର ଶୁଣାଣି ପାଇଁ ଏହି ସାମ୍ବିଧାନିକ କୋର୍ଟ *(ପୃଷ୍ଠା ୭ରେ)*

ଦିଲ୍ଲୀରେ ପହଞ୍ଚିଲେ ୟୁରୋପୀୟ କମିଶନର ଅଧ୍ୟକ୍ଷ

ନୂଆଦିଲ୍ଲୀ, ୨୪।୧

ଦିଲ୍ଲୀରେ ପହଞ୍ଚିଛନ୍ତି ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେଏନ୍ । ୭୭ତମ ଗଣତନ୍ତ୍ର ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ ଲେଏନ୍ ।

୭୭ତମ ଗଣତନ୍ତ୍ର ଦିବସର ମୁଖ୍ୟ ଅତିଥି ଭାବରେ ଲେଏନ୍ ଏବଂ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ ଲୁଇସ୍ ସାଣ୍ଟୋସ୍ ଡା-କୋଷ୍ଟା ଅତିଥି ଭାବେ ଯୋଗଦେବେ । ଗଣତନ୍ତ୍ର ଦିବସ ସମାରୋହ ସହ ଏମାନେ ଆଗାମୀ ୨୭ରେ ହେବାକୁ ଥିବା ୧୬ତମ *(ପୃଷ୍ଠା ୭ରେ)*

ଏକାଳ ପଖାଳ

ଭାବିଲା ଡରେଇ ଦେବ
ଆତଙ୍କୀ ବାଂଲା ଦେଶ
ଏଠି ଖେଳିବ ସେଠି ଖେଳିବ
ମନମାନି ଏବେ ଶେଷ
ଗାଲୁଆଙ୍କ ବାରବାଟୀ ଚାଷ
ଟିଟ୍‌ୱେଣ୍ଟିରୁ ତଣ୍ଟିଆ ଖାଇକି
ଝଡି ଯାଇଥିବ ବିଷ।

୧୮ ହଜାରରୁ ଊର୍ଦ୍ଧ୍ୱ ପିଜି ମେଡିକାଲ ସିଟ୍ ଖାଲି ପଡିଛି

ନୂଆଦିଲ୍ଲୀ, ୨୪।୧

ଡାକ୍ତରଙ୍କ ସ୍ନାତକୋତ୍ତର ପ୍ରବେଶ ପାଇଁ ଏନ୍‌ଇଇଟି ପିଜି ପରୀକ୍ଷାକୁ ନେଇ ବିବାଦ ଦେଖାଯାଇଛି । ଚଳିତ ବର୍ଷ ଦ୍ୱିତୀୟ ରାଉଣ୍ଡ କାଉନସେଲିଂ ପରେ ସାରା ଦେଶର ମେଡିକାଲ କଲେଜରେ ୧୮,୦୦୦ ପିଜି ସିଟ୍ ଖାଲି ପଡ଼ିଛି । ଏହାପରେ ଏସ୍‌ସି/ଏସ୍‌ଟି/ଓବିସି ପରି ସଂରକ୍ଷିତ ବର୍ଗର ଛାତ୍ରଙ୍କ ନିଟ୍ ପିଜି -୨୦୨୫ ପରୀକ୍ଷା କଟ୍-ଅଫ୍ ଜିରୋ ପର୍ସେଣ୍ଟାଇଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ନେଗେଟିଭ ୪୦ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ଆଡମିଶନ ମିଳିପାରିବ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନ୍ତର୍ଗତ ରାଷ୍ଟ୍ରୀୟ ପରୀକ୍ଷା ବୋର୍ଡ଼ (ଏନବିଇ) ୧୩ ଜାନୁଆରୀରେ ଏକ ନୋଟିଫିକେସନ ଜାରି କରିଥିଲା, ଯେଉଁଥିରେ ପିଜି (ଏମ୍‌ଡି/ଏମ୍‌ଏସ୍) ରେ ସମସ୍ତ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଖାଲି ଆସନରେ ପ୍ରବେଶ ପାଇଁ ଯୋଗ୍ୟତାକୁ ସହଜ କରାଯାଇଛି ।

ନୂଆ କଟ୍-ଅଫ୍ ଅପଡେଟ୍‌ରେ ସାଧାରଣ ଓ ଆର୍ଥିକ ଦୁର୍ବଳ ବର୍ଗ ପାଇଁ ଯୋଗ୍ୟତା ୭ ପର୍ସେଣ୍ଟାଇଲ ପର୍ଯ୍ୟନ୍ତ କରିଦିଆଯାଇଛି । ଦିବ୍ୟାଙ୍ଗ ବର୍ଗ (ପିଡବ୍ଲୁଡି) ୫ ପର୍ସେଣ୍ଟାଇଲ ଓ ଏସ୍‌ସି/ଏସ୍‌ଟି/ଓବିସି ପରି ସଂରକ୍ଷିତ ବର୍ଗର ଛାତ୍ରଙ୍କ କଟ୍-ଅଫ୍ ଜିରୋ ପର୍ସେଣ୍ଟାଇଲ ପର୍ଯ୍ୟନ୍ତ କରିଦିଆଯାଇଛି । ଏହାପୂର୍ବରୁ ସାଧାରଣବର୍ଗ ପାଇଁ *(ପୃଷ୍ଠା ୭ରେ)*

ବାଘ ସହ ମଣିଷର ଲଢ଼େଇରେ ବାଘର ମୃତ୍ୟୁ

କଟକ, ୨୪।୧
ନ୍ୟୁଜ୍ ବ୍ୟୁରୋ

ବ୍ରହ୍ମପୁର ସିଟି ହସ୍ପିଟାଲରେ କାଗଜପତ୍ରରେ ଜେରିଆଟିକ୍ ୱାର୍ଡ଼, ସବୁବେଳେ ତାଲା

ବ୍ରହ୍ମପୁର , ନ୍ୟୁଜ ବ୍ୟୁରୋ
ସରକାରଙ୍କ ପକ୍ଷରୁ ବୟସ୍କଙ୍କ ପାଇଁ ଜେରିଆଟିକ୍ ବିଭାଗ ଖୋଲିଛି । ବ୍ରହ୍ମପୁର ସିଟି ହସ୍‌ପିଟାଲ୍‌ରେ ମଧ୍ୟ ଜେରିଆଟିକ୍ ୱାର୍ଡ଼ ରହିଛି । କିନ୍ତୁ ତାହା ସବୁ ବେଳେ ତାଲା ବନ୍ଦ । କିନ୍ତୁ ସରକାରୀ ଭାବେ ଏହା ଖୋଲା ରହିଛି । ହସ୍‌ପିଟାଲ୍‌ର ସୁପରିଟେଣ୍ଡେଂଟଙ୍କ କହିବା ଅନୁଯାୟୀ ଏଠାରେ ଜଣେ ଡ଼ାକ୍ତର ଓ ଦୁଇ ଜଣ କର୍ମଚାରୀ ନିୟୋଜିତ ରହିଛନ୍ତି । ପ୍ରତିଦିନ ଆଉଟ୍‌ଡ଼ୋର ଚିକିତ୍ସା କରାଯାଉଛି । କିନ୍ତୁ ବାସ୍ତବ ଚିତ୍ର ଭିନ୍ନ ଥିବା ଅଭିଯୋଗ ହେଉଛି । ଏହାକୁ ନିୟମିତ ଖୋଲିବାକୁ ବରିଷ୍ଠ ନାଗରିକ ଦାବି କରିଛନ୍ତି । ବ୍ରହ୍ମପୁର ସିଟି ହସ୍‌ପିଟାଲ୍‌ର ଶିଶୁ ରୋଗ ବିଭାଗକୁ ଲାଗି ଜେରିଆଟିକ୍ ୱାର୍ଡ଼ ରହିଛି । ୨୦୨୪ ମାର୍ଚ୍ଚ ମାସରେ ରାଜ୍ୟ ସରକାରଙ୍କ ପକ୍ଷରୁ ସିଟି ହସ୍‌ପିଟାଲ୍‌କୁ ଆମ ହସ୍‌ପିଟାଲ୍ ଯୋଜନାରେ ସାମିଲ କରି ସେଠାରେ ସମସ୍ତ ସୁବିଧା ଆରମ୍ଭ ହୋଇଥିଲା । ଜେରିଆଟିକ୍ ସୁବିଧା ଯୋଗାଇବାକୁ ସ୍ୱତନ୍ତ୍ର ୱାର୍ଡ଼ ମଧ୍ୟ ହୋଇଥିଲା । ଏବେ ଏହି ୱାର୍ଡ଼ ରହିଛି । କିନ୍ତୁ ସେଥିରେ ସବୁ ବେଳେ ତାଲା ଝୁଲୁଛି । ଆବଶ୍ୟକ ସଂଖ୍ୟାରେ କର୍ମଚାରୀ ନଥିବା ବେଳେ ଧୂଳିଧୂସର ଜମି ସମସ୍ତ ଯନ୍ତ୍ରପାତି ଖରାପ ହେଲାଣି । ଅନେକ ସମୟରେ ଏଠାକୁ ଆସି ଲୋକେ ନିରାଶ ହୋଇ ମେଡ଼ିସିନ୍ ୱାର୍ଡ଼ରେ ଧାଡ଼ିରେ ବସି ଚିକିତ୍ସା କରାଉଛନ୍ତି । ଉଚ୍ଚ ରକ୍ତଚାପ, ମଧୁମେହ ରୋଗରେ ପୀଡ଼ିତ ଜଣେ ବୟସ୍କ ବ୍ୟକ୍ତି କହିଛନ୍ତି ଜେରିଆଟିକ୍ ବିଭାଗ ଖୋଲିଥିବା ଖବର ପାଇ ସେଠାକୁ ଯାଇଥିଲି । ଦୁଇ ଥର ଯାଇ ଫେରିଲି । ସବୁ ବେଳେ ସେଠାରେ ତାଲା । ଶେଷରେ ବାଧ୍ୟ ହୋଇ ପୁଣି ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ଚିକିତ୍ସା ପାଇଁ ଯାଉଛି । ଜଣେ ଡ଼ାକ୍ତର କହିଛନ୍ତି ବୟସ୍କଙ୍କୁ ଚିକିତ୍ସା ଠାରୁ ଅଧିକ ପରାମର୍ଶର ଆବଶ୍ୟକତା ରହିଥାଏ । ଯାହାକି ଜେରିଆଟିକ୍ ବିଭାଗ ପ୍ରଦାନ କରେ । ବର୍ତ୍ତମାନ ସମୟରେ ବୟସ୍କଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ । ଏ ସମ୍ପର୍କରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ସିଟି ହସ୍‌ପିଟାଲ୍‌ର ମୁଖ୍ୟ ଡ଼ା. ବିଶ୍ୱମ୍ଭର ବେହେରା କହିଛନ୍ତି ଏହି କେନ୍ଦ୍ର ନିୟମିତ ଚାଲୁଛି । ଜଣେ ଅବସରପ୍ରାପ୍ତ ଡ଼ାକ୍ତର ଦାୟିତ୍ୱରେ ରହିଛନ୍ତି । ଏହା ସହିତ ତାଙ୍କୁ ସହଯୋଗ କରିବାକୁ ଅନ୍ୟ ଦୁଇ ସ୍ୱାସ୍ଥ୍ୟକର୍ମୀ ରହିଛନ୍ତି । କୌଣସି ସ୍ଥାୟୀ କର୍ମଚାରୀ ସେଠାରେ ନିଯୁକ୍ତି ନଥିବା ସେ ସ୍ୱୀକାର କରିଛନ୍ତି ।

ଧାମନଗରର ନଦୀ ସଂସ୍କାର ହେଲେ ଚାଷୀଙ୍କ ଭାଗ୍ୟ ବଦଳିବା ସହ ଅଞ୍ଚଳର ଶୋଭା ବଢିବ

ଧାମନଗର, ନ୍ୟୁଜ ବ୍ୟୁରୋ
୧୯/୧ ଧାମନଗର ବ୍ଲକ ଦେଇ ପ୍ରବାହିତ ଅନେକ ନଦୀ ଓ ନାଳ ଏବେ ନିଜର ଅସ୍ତିତ୍ୱ ହରାଇବାକୁ ବସିଛନ୍ତି । ବୈତରଣୀ, କୋଚିଲା, ଗେଙ୍ଗୁଟି, ରେବ, କପାଳି, ନାଳୀଆ,ଯ ଏବଂ କଣ୍ଡିଆ ଭଳି ନଦୀ ଗୁଡ଼ିକ ଏହି ଅଞ୍ଚଳରେ ଜୀବନରେଖା ହୋଇଥିବା ବେଳେ, ଏବେ ସେଗୁଡ଼ିକର ଅବସ୍ଥା ଶୋଚନୀୟ । ଯଦି ସରକାରୀ ସ୍ତରରେ ଏହି ନଦୀଗୁଡ଼ିକର ବ୍ୟାପକ ସଂସ୍କାର ଓ ସୌନ୍ଦର୍ଯ୍ୟ କରଣ କରାଯାଏ, ତେବେ ଏହା କେବଳ ପରିବେଶକୁ ସୁଧାରିବ ନାହିଁ, ବରଂ ହଜାର ହଜାର ଚାଷୀଙ୍କ ଜୀବନ ଜୀବିକାରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ । ବର୍ଷା ଦିନେ ବନ୍ୟା, ଖରା ଦିନେ ଶୁଖିଲା ହୁଏ ନଦୀ,ଧାମନଗର ବ୍ଲକର ଅଧିକାଂଶ ନଦୀରେ କେବଳ ବର୍ଷା ଋତୁରେ ପାଣି ରହୁଥିବା ବେଳେ ବର୍ଷର ବାକି ସମୟ ଏଗୁଡ଼ିକ ଶୁଖିଲା ପଡ଼ିଥାଏ । ଅନ୍ୟପଟେ, ନଦୀ ଶଯ୍ୟାରେ ଅନାବନା ଘାସ ଓ ଗୁଡଝାଞ୍ଜୀ ଦଳ ଭର୍ତ୍ତି ହୋଇ ରହିଥିବାରୁ ପାଣି ବ୍ୟବହାର ଅଯୋଗ୍ୟ ହୋଇ ପଡୁଛି । ପୂର୍ବରୁ ସରକାର କୋଟି କୋଟି ଟଙ୍କା ବ୍ୟୟ କରି ଖନନ କାର୍ଯ୍ୟ କରିଥିଲେ ମଧ୍ୟ ନିମ୍ନମାନର କାମ ଯୋଗୁଁ ନଦୀ ଗୁଡ଼ିକ ପୁଣି ପୋତି ହୋଇଯାଇଛି ।ସଂସ୍କାର ଯୋଜନାର

ଆବଶ୍ୟକତା ନଦୀଗୁଡ଼ିକର ପୁନରୁଦ୍ଧାର ଆବଶ୍ୟକ ରହିଛି । ପୋତି ହୋଇଯାଇଥିବା ନଦୀ ଶଯ୍ୟାକୁ ଗଭୀର କରି ଖୋଳାଯିବା ଦରକାର, ଯା ଦ୍ୱାରା ଅଧିକ ପାଣି ସଞ୍ଚୟ ହୋଇ ରହିପାରିବ । ଗୁଡଝାଞ୍ଜୀ ଓ ଅନ୍ୟାନ୍ୟ ଦଳ ଅନାବନା ଗଛକୁ ସମ୍ପୂର୍ଣ୍ଣ ସଫା କରିବା ଆବଶ୍ୟକ ରହିଛି । ବିଭିନ୍ନ ସ୍ଥାନରେ ଚେକ ଡ୍ୟାମ ବା ଆନିକଟ ନିର୍ମାଣ କରାଗଲେ ବର୍ଷ ସାରା ଜଳଧାରଣ ସମ୍ଭବ ହେବ ।ଯଦି ଏହି ନଦୀଗୁଡ଼ିକରେ ବର୍ଷ ସାରା ପାଣି ରହେ, ତେବେ ଧାମନଗରର ଚାଷୀମାନେ ରବି ଚାଷ ଓ ପନିପରିବା ଚାଷ ପାଇଁ ଜଳସେଚନର ସୁବିଧା ପାଇପାରିବେ । ଏହା ବ୍ୟତୀତ ନଦୀ କୂଳର ସୌନ୍ଦର୍ଯ୍ୟକରଣ କରାଗଲେ ଏହା ସ୍ଥାନୀୟ ଲୋକଙ୍କ ପାଇଁ ପ୍ରାତଃ ଭ୍ରମଣ ଓ ବିନୋଦନର ଏକ ଉତ୍ତମ ସ୍ଥାନ ପାଲଟିବ ।ଧାମନଗରର ଭୌଗୋଳିକ ସ୍ଥିତି ନଦୀମାତୃକ । ଏଠାରେ ଜଳ ସମ୍ପଦର ଅଭାବ ନାହିଁ, ବରଂ ପରିଚାଳନାର ଅଭାବ ରହିଛି । ସରକାର ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏକ ଦୀର୍ଘକାଳୀନ 'ନଦୀ ସଂସ୍କାର ଯୋଜନା' କାର୍ଯ୍ୟକାରୀ କଲେ ଧାମନଗର ଅଞ୍ଚଳ ଶସ୍ୟଶ୍ୟାମଳା ହେବା ସହ ଏହାର ହୃତଗୌରବ ଫେରିପାଇବ । ତେବେ ଏ ଦିଗରେ ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିବାକୁ ବିଭିନ୍ନ ମହଲ ରୁ ଦାବି ହେଉଚି ।

୮୦ ଜଣଙ୍କ ମାଗଣା ଚକ୍ଷୁ ପରୀକ୍ଷା

ରମ୍ଭା,ନ୍ୟୁଜ ବ୍ୟୁରୋ
ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷ ପୁର ସ୍ଥିତ ମହାନ ଯୁଗ ପୁରୁଷ ଜ୍ଞାନୀ ସମ୍ରାଟ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ପାଳନ ଅବସର ରେ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର, କାର୍ତିକଡ଼ି ଗ୍ରାମ ପରିଚାଳନା କମିଟି ଓ ବ୍ରହ୍ମପୁର ଦିବ୍ୟଦୃଷ୍ଟି ଚକ୍ଷୁ ଚିକିତ୍ସା ଲୟ ମିଳିତ ସହଯୋଗରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସର୍ବ ମୋଟ ୮୦ ଜଣ ଚକ୍ଷୁ ରୋଗୀ ଆସି ଆଖି ପରୀକ୍ଷା କରାଇଥିଲେ । ୧୫ଜଣ ଅସ୍ତ୍ର ପ୍ରଚାର ପାଇଁ ଚିହ୍ନଟ ରୋଗୀଙ୍କୁ ବ୍ରହ୍ମପୁର ସ୍ଥିତ ଦିବ୍ୟଦୃଷ୍ଟି ଚିକିତ୍ସା ଲୟକୁ ମୋତିଆ ବିନ୍ଦୁ ଅପରେସନ ପାଇଁ ନିଆଗଲା । ଅନୁଷ୍ଠାନର ପ୍ରତିଷ୍ଠାତା ରାମକୃଷ୍ଣ ଭକ୍ତ ବଟକୃଷ୍ଣ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ବିବେକାନନ୍ଦ ଜୟନ୍ତୀରେ କିଛି ସାମାଜିକ କାର୍ଯ୍ୟ କରି ଆସୁଛନ୍ତି । ଉପ ପ୍ରଧାନ ଆଚାର୍ଯ୍ୟା ରାମକୃଷ୍ଣ ଭକ୍ତା ଅପରାଜିତା ରଥ, ମୋନାଲିସା ଗୌଡ଼, ଜ୍ୟୋତି ବେହେରା, ଇନ୍ଦିରା ରେଡ୍ଡୀ, ପାୟଲ ସାହୁ ନିୟତି ଗୌଡ଼, ଆଶା ପଲା ଇ, ପୂଜା ମାଳି, ପୂଜା ସ୍ୱାଇଁ ଓ ଚନ୍ଦ୍ରମା ମାଉସୀ ସହଯୋଗ କରିଥିଲେ । କ୍ୟାମ୍ପ ମ୍ୟାନେଜର ଅକ୍ଷୟ କୁମାର ମାଗଣା ଚଷମା ଓ ଔଷଧ ପ୍ରଦାନ କରିଥିଲେ ।

ଶିକ୍ଷକସଂଘ ପୂର୍ବତନ ସଭାପତି ଓ ମହାସଚିବଙ୍କ ବିୟୋଗରେ ଶୋକ

କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ
ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍‌ର ପୂର୍ବତନ ସଭାପତି ଜଗନ୍ନାଥ ମହାନ୍ତି ଓ ପୂର୍ବତନ ମହାସଚିବ ସଚ୍ଚିଦାନନ୍ଦ ରାଉତଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏହି ଦୁଇ ନେତାଙ୍କ ବିୟୋଗରେ କେନ୍ଦ୍ରାପଡା ଜିଲ୍ଲା ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘ ଓ କେନ୍ଦ୍ରାପଡା ଜିଲ୍ଲା ପ୍ରାଥମିକ ଶିକ୍ଷକସଂଘର ମିଳିତ ଉଦ୍ୟମରେ କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ମିରପାଟଣା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଶୁଭ୍ରାଂଶୁ କୁମାର ଦାସଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହିସଭା ପ୍ରାରମ୍ଭରେ ଏହି ଦୁଇ ନେତାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କର ଆଦର୍ଶ ଜୀବନୀ ଓ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ଭ୍ରମର ରାଉତ, ସମ୍ପାଦକ ବିଶ୍ୱଭୂଷଣ ମଲ୍ଲିକ, ମହାକାଳପଡା ବ୍ଲକର ସଭାପତି ମନୋଜ କୁମାର ନନ୍ଦ, ଅନାଦି ଚରଣମାହାଳି, ନନ୍ଦକିଶୋର ସ୍ୱାଇଁ, ସେକ୍ ମନସୁର୍ ଅଲ୍ଲୀ, ସେକ୍ ଗୟାସୁଦ୍ଦିନ୍, ରତ୍ନାକର ସ୍ୱାଇଁଙ୍କ ସମେତ ବହୁ ଶିକ୍ଷକ ଉପସ୍ଥିତ ରହି ଆତ୍ମାର ସଦ୍‌ଗତି କାମନା କରିଥିଲେ ।

ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ

ଗାଇସିଲାଟ, ନ୍ୟୁଜ ବ୍ୟୁରୋ
ପଞ୍ଚାୟତ ସମିତି ମହାବିଦ୍ୟାଳୟ, ଗାଇସିଲାଟ ଠାରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜୟକେତନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଗାଇସିଲାଟ ବ୍ଲକ ଚେୟାରମ୍ୟାନ ପ୍ରଣୟ କୁମାର ସାହୁ ଆତ୍ମାସୁରକ୍ଷା ଉପରେ ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ । ସମ୍ମାନିତ ଅତିଥି ଦେବେନ୍ଦ୍ର କୁମାର ଯୋଶୀ ଛାତ୍ରୀ ମାନଙ୍କୁ ଆତ୍ମସଂଯମ ନାରୀ ଜୀବନର ଏକ ମୁଖ୍ୟ ଆଭୂଷଣ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ଇତିହାସ ବିଭାଗର ପ୍ରାଧ୍ୟାପକ ପ୍ରଦୀପ କୁମାର ପଧାନ ବର୍ତ୍ତମାନ ସମାଜରେ ଆତ୍ମ ସୁରକ୍ଷା ତାଲିମର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଖେଳ ଶିକ୍ଷକ ହେମନ୍ତ କୁମାର ପଣ୍ଡାଙ୍କ ନାରୀ ସଶକ୍ତିକରଣର ମହତ୍ତ୍ୱକୁ ନେଇ ଆତ୍ମସୁରକ୍ଷା ତାଲିମ ଉପରେ ବକ୍ତବ୍ୟ ଦେଇଥିଲେ । ମାଷ୍ଟର ଟ୍ରେନର ମାଧବୀ ସାହୁ ଦୀର୍ଘ ଆଠ ଦିନ ଧରି ଖୁବ୍ ସୁନ୍ଦର ଭାବରେ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ଉପରେ ତାଲିମ ଦେଇଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହଯୋଗ କରିଥିଲେ । ଶେଷରେ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମର ପରାମର୍ଶଦାତ୍ରୀ ତଥା ସଂଯୋଜିକା ସୁଶ୍ରୀ ଡ. ବୀଣାପାଣି ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ ।

ଚନ୍ଦ୍ରିକା ସେବା ଟ୍ରଷ୍ଟ ପକ୍ଷରୁ ସାମୁହିକ ବ୍ରତୋପନୟନ

ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ
ଚନ୍ଦ୍ରିକା ସେବା ଟ୍ରଷ୍ଟ ସୁବର୍ଣ୍ଣପୁର ପକ୍ଷରୁ ଶ୍ରୀ ରାମେଶ୍ୱର ଶୈବ ପୀଠ ଠାରେ ସାମୁହିକ ଶୁଭ ବ୍ରତୋ ପନୟନ କାର୍ଯ୍ୟକ୍ରମ ମହା ସମାରୋହ ରେ ପାଳିତ ହୋଇଯାଇଛି । ଗତ କାଲି ଠାରୁ ନବବ୍ରହ୍ମଚାରୀଙ୍କ ଚାରିକର୍ମ ସହ ଅଷ୍ଟ ପ୍ରହରୀ ନାମ ଯଜ୍ଞ ପାଇଁ ଅଧିବାସ ହୋଇଥିବା ବେଳେ ଆଜି ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ୨୯ ଗୋଟି ଗରିବ ବ୍ରାହ୍ମଣ ବାଳକକୁ ନେଇ ସାମୁହିକ ବ୍ରତୋପନୋୟନ ଓ ସାବିତ୍ରୀ ପ୍ରଦାନ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇ ଯାଇଛି । ଯେଉଁଥିରେ କି ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଅଞ୍ଚଳର ଏ ବ୍ରହ୍ମଚାରୀଙ୍କ ସହିତ ଶହ ଶହ ସମ୍ପର୍କୀୟ ଲୋକେ ଓ ଏ ଅଞ୍ଚଳର ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ ଯୋଗ ଦେଇ ବାଲ ବ୍ରହ୍ମ ଚାରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ମହାପ୍ରଭୁଙ୍କ କୃପା ଲାଭ କରି ପ୍ରସାଦ ସେବନ ରେ ସାମିଲ ହୋଇ ଥିଲେ । ଓଡ଼ିଶା ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ଶୁଭନନ୍ଦ ମହାପାତ୍ର,

ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପ ରାଜ ସାହୁ, ଏ ଡି ଏମ୍ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ସୋନପୁର ବି ଡି ଓ ପ୍ରତୀକ କୁମାର କର ଯୋଗ ଦେଇ ବ୍ରତୋପନୟନ କାର୍ଯ୍ୟର ସମସ୍ତ ପଣ୍ଡିତ ମାନଂକୁ ସମ୍ବର୍ଦ୍ଧିତ କରି ସମସ୍ତ ବ୍ରହ୍ମ ଚାରିଙ୍କୁ ଶୁଭେଚ୍ଛା ଜଣାଇ ଆୟୋକକ କମିଟି ଓ ବ୍ରହ୍ମ ଚାରିଙ୍କୁ ଉତ୍ସାହିତ କରିଥିଲେ । ନବ ବ୍ରହ୍ମଚାରୀ ସୁନିଲ କୁମାର ଦାଶ, ରିଜୁମୁଣ୍ଡା, ସୁମିତ କୁମାର ଦାଶ, ରିଜୁମୁଣ୍ଡା, ପଟାଭାଡିର ଦୀପକ ଦାଶ, ସଞ୍ଜୟ ଦାଶ,ସତ୍ୟବ୍ରତ ଦାଶ, ବୈଦ୍ୟନାଥର ଦେବଦତ୍ତ ଦାଶ, ଅଡାଲର ରଞ୍ଜନ ଦାଶ, ଉତ୍ତମ ଦାଶ, ବରଗଡ, ଭବାନୀ ଶଙ୍କର ପାଣିଗ୍ରାହୀ, ଘଣ୍ଟାପଡ଼ା (ବୌଦ୍ଧ) ଅରୁଣ ଦାଶ, ଯୋଗିନ୍ଦ୍ରପୁର (ବୌଦ୍ଧ) ସଚ୍ଚିଦାନନ୍ଦ ପାଣିଗ୍ରାହୀ, ଯୋଗିନ୍ଦ୍ରପୁରର ଗଣେଶ ଦାଶ, କାନପୁର ପ୍ରଭାତ ଦାଶ, ତରାଇକେଲା, କାର୍ତ୍ତିକ ପାଣିଗ୍ରାହୀ, ସମ୍ବଲପୁର ସମିତ ଦାଶ, କୁଶଙ୍ଗ (ବଲାଙ୍ଗୀର) ରୁଦ୍ର ପ୍ରକାଶ ପୁଜାରୀ, ବୀରମହାରାଜପୁ ସିକୁ ପଣ୍ଡା, ବ୍ରାହ୍ମଣୀ ପ୍ରିୟାଂଶୁ ମିଶ୍ର, ବଲାଙ୍ଗୀର ନିଲେଶ୍ୱର ଦାଶ, ଥୁଆପାଲି (ବରଗଡ)ର ମିକୁ ଦାଶ, ହିଲିମାଲ (ବଲାଙ୍ଗୀର) ଶୁଭମ୍ ଦାଶ, ପାଟଣାଗଡ (ବଲାଙ୍ଗୀର) ସତ୍ୟସାଇ ଦାଶ, ଶାନ୍ତିନଗର (ବଲାଙ୍ଗୀର) ପ୍ରଦିପ ଦାଶ, କାନପୁର ଶବ୍ୟସେବକ ସିଂହ, ରଥପଡ଼ା ପାର୍ଥ ସାରଥି ଦାଶ, କଣ୍ଟାବାଞ୍ଜି (ବଲାଙ୍ଗୀର) ବିଭୁ ପ୍ରସାଦ ଦାଶ, କଣ୍ଟାବାଞ୍ଜି ରାଧାମୋହନ ମିଶ୍ର, କୁଦୋପାଲି ନିରୋଜ କୁମାର ଦାସ, ଜ୍ୟୁନ ଦାଶ, ଛତିଶଗଡ଼ ପ୍ରମୁଖ ଏହି ଅବସରରେ ସମସ୍ତ ନବ ବ୍ରହ୍ମଚାରୀଙ୍କୁ ବିଧିବିଧାନ ସହ ସମସ୍ତଙ୍କର ବ୍ରତୋପନୟନ କରାଯାଇଥିଲା । ଆଜିର ? ଏହି ଦିବ୍ୟ କାମରେ ଚନ୍ଦ୍ରିକା ସେବା ଟ୍ରଷ୍ଟର ଟ୍ରଷ୍ଟି ବଣ୍ଟୁ ଅଗ୍ରୱାଲ, ମନୋଜ ଅଗ୍ରୱାଲ, ଟ୍ରଷ୍ଟି ସଦସ୍ୟ ସନ୍ତୋଷ ମିଶ୍ର, ନନ୍ଦୁଲାଲ କମାଣି, ଗୋପାଳ ଭୁତ, ସନ୍ତୋଷ ଶର୍ମା, ନାରାୟଣ ରଥ ବାବୁଲା ମିଶ୍ର, ସତ୍ୟବ୍ରତ ପ୍ରଧାନ, ବିଶ୍ୱ ରଞ୍ଜନ ପୁଝାରୀ, ରାଜେନ୍ଦ୍ର ମେହେର, ବିବେକାନନ୍ଦ ସାହୁ, ହରିହର କର୍ଣ୍ଣ ପ୍ରମୁଖ ବ୍ଲକ ଛକ ଦୁର୍ଗା ପୂଜା କମିଟି କର୍ମ କର୍ତ୍ତା, ଦେବୋତ୍ତର କମିଟିର ବୈକୁଣ୍ଠ ଶତପଥୀ, ଶ୍ରୀବତ୍ସ ମଲ୍ଲିକ, ମାରୱାଡ଼ି ଯୁବା ମଞ୍ଚ, ସ୍ୱଚ୍ଛ ଭାରତ ସଙ୍ଗଠନର କର୍ମ କର୍ତ୍ତା ସମସ୍ତ ସହଯୋଗ କରିଥିଲେ । ଆଜିରର ଏଇ ମହତ୍ କାର୍ଯ୍ୟ, ଯଜ୍ଞ ଦର୍ଶନ ଓ ୨୯ ଗୋଟି ବାଲ ବ୍ରହ୍ମ ଚାରିଙ୍କୁ ଏକା ସାଙ୍ଗରେ ଦେଖିବାର ଏ ମନୋରମ ଦୃଶ୍ୟକୁ ଦେଖି ଲୋକେ ଖୁବ୍ ଭାଗ୍ୟବାନ ମନେ କରିଛନ୍ତି ।

ଭୀମ ଭୋଇଙ୍କ ସମାଧି ପୀଠରେ ହେବ ମାଘ ମେଳା

ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ
ସୋନପୁର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆସନ୍ତା ପାଞ୍ଚ ଦିନିଆ ଖଲିଆପାଲି ଠାରେ ଅନୁଷ୍ଠିତ ହେବାକୁ ଥିବା ମାଘ ମେଳା ସଫଳ ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଉପ-ଜିଲ୍ଲାପାଳ, ସୋନପୁର ତଥା ଭୀମ ଭୋଇ ସମାଧି ପୀଠ ଟ୍ରଷ୍ଟର ଉପାଧକ୍ଷା, ଖଲିଆପାଲି, ଡ଼ ସୌମ୍ୟ ରୂପା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉପସ୍ଥିତ ଥିଲେ ଭୀମ ଭୋଇ ସମାଧି ପୀଠ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀଯୁକ୍ତ ଛତ୍ରଧାରୀ ଅଗ୍ରୱାଲ, ସମ୍ପାଦକ ଜନ୍ମେଜୟ ସ୍ୱାଇଁ ଏବଂ ଅନ୍ୟାନ୍ୟ ମହିମା ଭକ୍ତ । ବୈଠକରେ ଯୋଗ ଦେଇଥିଲେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ଅବକାରୀ ଅଧିକ୍ଷକ, ଜିଲ୍ଲା ସଂସ୍କୃତି ଅଧିକାରୀ, ସୁବର୍ଣ୍ଣପୁର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଉପଖଣ୍ଡ ସ୍ତରୀୟ ଆରକ୍ଷୀ ଅଧିକାରୀ, ସୋନପୁର

କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ କୋଠା ବିଭାଗ, ସୁବର୍ଣ୍ଣପୁର, ସେଚ୍ଛନ ଅଫିସ୍, ଞଚଡଙଉଖ, ସୁବର୍ଣ୍ଣପୁର, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଗ୍ରାମୀଣ ପାନୀୟ ଜଳ ଯୋଗାଣ ଏବଂ ପରିମଲ, ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର, ଲଛିପୁର ଥାନା ଅଧିକାରୀ, ଅଗ୍ନିଶମ ଅଧିକାରୀ ସୋନପୁର, ଆସନ୍ତା ୨୯ ଜାନୁଆରୀ ରୁ ୨ ଫେବୃଆରୀ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ଜିଲ୍ଲାର ଖଲିଆପାଲି ସ୍ଥିତ ଭୀମଭୋଇ ସମାଧି ପୀଠ ପରିସରରେ ଶତବର୍ଷ ପୁରୁଣା ମାଘ ମେଳା ଆୟୋଜିତ ହେବ । ମେଳାକୁ ସୁଚାରୁରୂପେ ଓ ସୁସଂଗଠିତ ଭାବେ ଆୟୋଜନ କରିବାକୁ ଉପଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମେଳା ପୂର୍ବରୁ ଭୀମ ଭୋଇଙ୍କ

31 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨୫ ଜାନୁଆରୀ ୨୦୨୬ ରବିବାର

ବନକର୍ମଚାରୀଙ୍କ ଅକ୍ଳାନ୍ତ ଉଦ୍ୟମରେ କୂଅରୁ ଉଦ୍ଧାର ହେଲା ଭାଲୁ

ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ

ମାଲକାନଗିରି ଜିଲ୍ଲା କାଲିମେଳା ରେଞ୍ଜ ଅନ୍ତର୍ଗତ ଏମ୍‌ପିଭି - ୨୬ ଗାଁ ନିକଟରେ ୧୦ ଫୁଟ୍‌ର ପରିତ୍ୟକ୍ତ କୂଅରେ ପଡିଥିବା ଭାଲୁକୁ ବନ ବିଭାଗ ଦୀର୍ଘ ୫ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ଉଦ୍ଧାର କରିଛି । ଖାଦ୍ୟ ଅନ୍ୱେଷଣରେ ଆସି କୂଅ ଭିତରେ ପଡ଼ିଥିଲା ଭାଲୁ । ସୂଚନା ଅନୁଯାୟୀ, ଗୁରୁବାର ରାତିରେ ଭାଲୁଟି ଗାଁ ଭିତରେ ପଶିଥିବା ବେଳେ ଗ୍ରାମର ବିରେନ ବିଶ୍ୱାସଙ୍କ ବାରିପଟେ ଥିବା କୂଅରେ ପଡିଯାଇଥିଲା । କୂଅଟି ଗଭୀର ଥିବାରୁ ଭାଲୁଟି ବାହାରକୁ ବାହାରି ନପାରି ଚିତ୍କାର କରୁଥିଲା । ଶୁକ୍ରବାର ସକାଳୁ ଗାଁ ଲୋକ ଦେଖିବା ପରେ ବନ ବିଭାଗକୁ ଖବର ଦେଇଥିଲେ । ଖବର ପାଇ କାଲିମେଳା ରେଞ୍ଜର ବିଜୟ କୁମାର ନାୟକ, ଫରେଷ୍ଟର ମୃତ୍ୟୁଞ୍ଜୟ ସେଠୀ ଏବଂ ମାଲକାନଗିରି ସ୍ଥିତ ବନ୍ୟଜନ୍ତୁ ଉଦ୍ଧାରକାରୀ ଟିମ୍‌ର କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଭାଲୁଟି କୂଅ ଭିତରେ ଗାତ ଖୋଳି ସେଠାରେ ପଶି ରହିଥିବା ବେଳେ ଉଦ୍ଧାରକାରୀ ଦଳ କୂଅ ଉପରେ ଯନ୍ତା ଏବଂ ଜାଲ ବିଛାଇ ଜଗି ବସିଥିବା ଦେଖିବାକୁ ମିଳିଥିଲା । ୫ ଘଣ୍ଟା ଧରି ଅକ୍ଳାନ୍ତ ପରିଶ୍ରମ କରିବା ପରେ କୂଅ ଭିତରୁ ଭାଲୁକୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଥିଲା । ଉଦ୍ଧାର ପରେ ଭାଲୁଟିର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । କାଲି ଜଙ୍ଗଲ ମଧ୍ୟକୁ ଛଡ଼ାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ଗତ କିଛି ଦିନ ଧରି କାଲିମେଳା ରେଞ୍ଜରେ ଏକ ଭାଲୁ ପଲ ଗାଁରୁ ଗାଁକୁ ବୁଲୁଛନ୍ତି । ଏଥିପ୍ରତି ଅଞ୍ଚଳବାସୀ ସଜାଗ ରହିବାକୁ ବନ ବିଭାଗ ଅନୁରୋଧ କରିଛନ୍ତି ।

ବଣ୍ଡା ଘାଟିରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ:ଗାଁ ଯୁବକମାନେ ପିଲାଙ୍କୁ ପଢ଼ାଉଛନ୍ତି ପାଠ

ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ

ମାଲକାନଗିରି ଜିଲ୍ଲାର ପଛୁଆ ଓ ଦୁର୍ଗମ ବଣ୍ଡାଘାଟି ଅଞ୍ଚଳରେ ଆଜି ବି ଶିକ୍ଷା ଅଧିକାର କେବଳ କାଗଜ କଲମରେ ସୀମିତ ରହିଛି । ସରକାରୀ ରେକର୍ଡରେ ସ୍କୁଲ ଥିଲେ ବି ବାସ୍ତବତା କିଛି ଭିନ୍ନ ! ସ୍କୁଲ ଅଛି, କିନ୍ତୁ ସ୍କୁଲ ଘର ନାହିଁ । ଶିକ୍ଷକ ନିଯୁକ୍ତ ହୋଇଥିଲେ ବି ନିୟମିତ ଭାବେ ସ୍କୁଲକୁ ଆସୁନାହାନ୍ତି । ବଣ୍ଡାଘାଟିର ପାହାଡ଼ ଘେରା ଦୁର୍ଗମ ଅଞ୍ଚଳରେ ଅବସ୍ଥିତ ଖାଲଗୁଡା ଗାଁରେ ପ୍ରାୟ ୮୫ଟି ଘର ରହିଛି ଓ ଶତାଧିକ ଲୋକ ଏଠାରେ ବସବାସ କରୁଛନ୍ତି । କିନ୍ତୁ, ଆଶ୍ଚର୍ଯ୍ୟଜନକ କଥା ହେଲା ଏହି ଗାଁରେ ଏପର୍ଯ୍ୟନ୍ତ ଗୋଟିଏ ପକ୍ୱା ସ୍କୁଲ ଘର କିମ୍ବା ଅଙ୍ଗନବାଡ଼ି ଘର ସୁଦ୍ଧା ନାହିଁ । ଏକ କଚା, ଭଙ୍ଗା ଓ ଦଦରା ଘରେ ଚାଲୁଛି ସ୍କୁଲ । ସ୍କୁଲରେ ବେଞ୍ଚ ନାହିଁ, ଡେସ୍କ ନାହିଁ, ମୌଳିକ ସୁବିଧା ମଧ୍ୟ ଉପଲବ୍ଧ ନାହିଁ । ପିଲାମାନେ ତଳେ ବସି ପାଠ ପଢୁଛନ୍ତି । ସରକାରୀ ଶିକ୍ଷକ ନିଯୁକ୍ତ ହୋଇଥିଲେ ବି ସେମାନେ ନିୟମିତ ଭାବେ ସ୍କୁଲକୁ ଆସୁନଥିବାରୁ ଗାଁ ଲୋକେ ବାଧ୍ୟ ହୋଇ ନିଜେ ଚାନ୍ଦା ଆଦାୟ କରିଛନ୍ତି । ସେହି ଟଙ୍କାରେ ଗାଁର ଜଣେ ଶିକ୍ଷିତ ଯୁବକଙ୍କୁ ନିଯୁକ୍ତ କରି ପ୍ରାୟ ୬୦ ଜଣ ପିଲାଙ୍କୁ ନିଜ ଗାଁରେ ହିଁ ପାଠ ପଢ଼ାଯାଉଛି । ଗ୍ରାମବାସୀମାନଙ୍କ କହିବା ଅନୁଯାୟୀ, ଏହି ଅବସ୍ଥା କେବଳ ଖାଲଗୁଡା ଗାଁର ନୁହେଁ, ସମଗ୍ର ବଣ୍ଡାଘାଟି ଅଞ୍ଚଳର ଶିକ୍ଷା ବ୍ୟବସ୍ଥାର ବାସ୍ତବ ଚିତ୍ର । ଦୁର୍ଗମ ପଥ ଓ ନାଳ ପାର ହୋଇ ଏହି ଗାଁକୁ ପହଞ୍ଚିବାକୁ ପଡ଼େ । ଶିକ୍ଷାର ଅଭାବ ଏଠାରେ ସବୁଠାରୁ ବଡ଼ ସମସ୍ୟା ହୋଇ ରହିଛି । ସରକାରୀ ଯୋଜନା ଥିଲେ ବି ସେଗୁଡ଼ିକ ଏଠାରେ କାର୍ଯ୍ୟକାରୀ ହୋଇପାରୁନାହିଁ । ଏହାକୁ ନେଇ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି । ୮୫ ଘର ଥିବା ଗାଁରେ ଏପର୍ଯ୍ୟନ୍ତ ସ୍କୁଲ ଘର କାହିଁକି ନାହିଁ ? ଶିକ୍ଷକ ନିଯୁକ୍ତ ହୋଇଥିଲେ ବି ସେମାନେ ନିୟମିତ ଭାବେ କାହିଁକି ସ୍କୁଲକୁ ଆସୁନାହାନ୍ତି ? ଏହାର ଦାୟିତ୍ୱ କିଏ ନେବ ? ତଥାପି, ସବୁଠାରୁ ପ୍ରେରଣାଦାୟକ କଥା ହେଲା ଏହି ପଛୁଆ ଅଞ୍ଚଳରେ ଗ୍ରାମବାସୀ ଓ ଜନଜାତିମାନଙ୍କ ମନରେ ଶିକ୍ଷା ପ୍ରତି ଗଭୀର ଆଗ୍ରହ ଦେଖାଯାଉଛି । ନିଜେ ଚାନ୍ଦା ଆଦାୟ କରି ନିଜ ପିଲାମାନଙ୍କୁ ପାଠ ପଢ଼ାଇବାରେ ସେମାନେ ଯେ ଉଦ୍ୟମ କରିଛନ୍ତି, ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ । ଏବେ ଦେଖିବାକୁ ବାକି ରହିଲା କେବେ ଖାଲଗୁଡା ଗାଁରେ ଏକ ପକ୍ୱା ସ୍କୁଲ ଘର ନିର୍ମାଣ ହେବ ଓ କେବେ ଏହି ସ୍କୁଲକୁ ନିୟମିତ ଶିକ୍ଷକ ଆସିବେ । ଏ ବିଷୟରେ ଆମେ ଖଇରପୁଟ ବ୍ଲକ ଶିକ୍ଷାଧିକାରୀ ଦିଲୀପ କୁମାର ଗଣ୍ଡଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରିବେ ବୋଲି କହିଛନ୍ତି ।

ସୁଶୀଳ ପ୍ରଧାନ ହତ୍ୟା ମାମଲାର ୩ ଅଭିଯୁକ୍ତ ଗିରଫ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ଆଦର୍ଶ ଥାନାରେ ଗୁରୁବାର ସନ୍ଧ୍ୟାରେ ଥାନା ଅଧିକାରୀ ନଳିନୀକାନ୍ତ ଦାସ ଏକ ସାମ୍ବାଦିକ ସମ୍ମିଳନୀ କରି ଗତ ୨୦ ତାରିଖ ସନ୍ଧ୍ୟାରେ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ କଉଡିଆତୋଳା ଗ୍ରାମର ସୁଶୀଳ ପ୍ରଧାନ ହତ୍ୟା ମାମଲାର ଖୁଲାସା କରଛନ୍ତି । ଥାନା ଅଧିକାରୀ ଶ୍ରୀ ଦାସ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁଯାୟୀ ପୂର୍ବ ଶତ୍ରୁତା ଓ ଜମିବାଡି ବିବାଦକୁ କେନ୍ଦ୍ର କରି ଅଭିଯୁକ୍ତମାନେ ଏହି ହତ୍ୟାକାଣ୍ଡ ଭିଆଇଛନ୍ତି । ପୂର୍ବ ଯୋଜନା ଅନୁଯାୟୀ କଉଡିଆତୋଳା ରାସ୍ତାରେ ବାଇକ୍ ଯୋଗେ ଆସୁଥିବା ସୁଶୀଳକୁ ଟ୍ରାକ୍ଟରରେ ଧକ୍କା ଦେଇ ହତ୍ୟା କରିଛନ୍ତି । ଉକ୍ତ ମାମଲାରେ ୩ ଜଣ ଅଭିଯୁକ୍ତକୁ ପୋଲିସ ଗିରଫ କରିଥିବା ବେଳେ ମାମଲାରେ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ପୋଲିସ ତଦନ୍ତ ଜାରି ରଖିଥିବା ଶ୍ରୀ ଦାସ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ହତ୍ୟାକାଣ୍ଡରେ ବ୍ୟବହୃତ ଟ୍ରାକ୍ଟରକୁ ମଧ୍ୟ ପୋଲିସ ଜବତ କରିଛି । ଗିରଫ ୩ ଅଭିଯୁକ୍ତ ହେଲେ ସେହି ଗ୍ରାମର ସନୋଜ୍ ପ୍ରଧାନ, ମନୋଜ ପ୍ରଧାନ ଓ ରଞ୍ଜିତ ପ୍ରଧାନ ବୋଲି ସୂଚନା ମିଳିଛି ।

ସ୍ୱାସ୍ଥ୍ୟକେନ୍ଦ୍ର ପାଚେରୀ ନିର୍ମାଣରେ ଅନିୟମିତତା ଅଭିଯୋଗ

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାର ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଧାମନଗର ବ୍ଲକ ଦିହୁଡ଼ି ଆନନ୍ଦପୁର ଠାରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି । ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପାଚେରୀ ଓ ପ୍ରବେଶ ଗେଟ୍ ନିର୍ମାଣରେ ସରକାରୀ ନିୟମାବଳୀକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦିଆଯାଇଛି । ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟରେ ହେଉଥିବା ଏହି ପ୍ରକଳ୍ପରେ ନିମ୍ନମାନର କାମ କରି ସରକାରୀ ଅର୍ଥକୁ ହରିଲୁଟ୍ କରାଯାଉଥିବା ସ୍ଥାନୀୟ ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍‌କୁ ବଦ୍‌ନାମ୍ କରିବାର ଏକ ଚକ୍ରାନ୍ତକୁ ଏଡାଇ ଦିଆଯାଇନପାରେ । ଏନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାଥାଉକି ଏକ ସୁରକ୍ଷା ପାଚେରୀ ପାଇଁ ଅତିକମ୍‌ରେ ୨.୫ରୁ ୩ ଫୁଟ୍ ଗଭୀରର ଫାଉଣ୍ଡେସନ୍ ଏବଂ ସେଥିରେ ଫାଉଣ୍ଡେସନ୍ ବିମ୍ ରହିବା କଥା । ମାତ୍ର ଆନନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରର ପଛପଟ ପାଚେରୀରେ କୌଣସି ଫାଉଣ୍ଡେସନ୍ ବିମ୍ ଦିଆଯାଇନାହିଁ । କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ କେନ୍ଦ୍ର ଭିତ୍ତିଭୂମି ମାନକ ଅନୁଯାୟୀ, କଂକ୍ରିଟ୍ ପାଇଁ ଗ୨୦ କିମ୍ବା ଗ୨୫ ଗ୍ରେଡ୍ ବ୍ୟବହାର ହେବା ଜରୁରୀ । କିନ୍ତୁ ଏଠାରେ ଅତି ନିମ୍ନମାନର ସିମେଣ୍ଟ, ବାଲି ଓ ଆଗ୍ରିଗେଟ ବ୍ୟବହାର କରାଯାଇ ପିଲର ଛିଡ଼ା କରାଯାଉଛି । ଠିକାଦାର କୌଣସି ନାମୀ କମ୍ପାନୀର ଆପ୍ରୁଭଡ୍ ରଡ୍ ବଦଳରେ ସ୍ଥାନୀୟ ନିମ୍ନମାନର ରଡ୍ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି । ପ୍ରକଳ୍ପ ନିୟମ ଅନୁଯାୟୀ, ମୁଖ୍ୟ ଗେଟ୍ ପାଇଁ ଶକ୍ତିଶାଳୀ RCC ପିଲର ଓ ନୂଆ ଭିତ୍ତିଭୂମି ଆବଶ୍ୟକ । ମାତ୍ର ଲାଭଖୋର ମନୋଭାବ ରଖି ଠିକାଦାର ପୁରୁଣା ଭଗ୍ନ କାନ୍ଥ ଉପରେ ହିଁ ନୂଆ ଗେଟ୍ ଲଗାଇଛନ୍ତି, ଯାହାକି ଭବିଷ୍ୟତରେ ଏକ ବଡ଼ ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଚାଲିଥିବା ଏହି କାର୍ଯ୍ୟସ୍ଥଳକୁ ବିଭାଗୀୟ ଅଧିକାରୀ ଆସୁନାହାନ୍ତି । ଫଳରେ ନିର୍ମାଣର ମାନ ଯାଞ୍ଚ କରିବାକୁ କେହିନାହାନ୍ତି । ଅଭିଯୋଗ ହେଉଛି ଯେ, ସ୍ଥାନୀୟ ଅଞ୍ଚଳ କିଛି ବ୍ୟକ୍ତି ସରକାରୀ ଦଲାଲ ସାଜି ସରକାର ତଥା ମନ୍ତ୍ରୀଙ୍କୁ ବଦ୍‌ନାମ୍ କରିବା ସହ କାମକୁ ନିମ୍ନମାନର କରି ନିଜର ବ୍ୟକ୍ତିଗତ ଫାଇଦା ପାଇଁ ସେ କାର୍ଯ୍ୟର ମାନ ସହ ସାଲିସ୍ କରୁଛନ୍ତି ବୋଲି ଅଭିଯୋଗ ହେଉଛି । ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଏହି ଘଟଣାରେ ଜିଲ୍ଲା ପ୍ରଶାସନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ଯଦି ତୁରନ୍ତ ଏହାର ତଦନ୍ତ କରାଯାଇ କାର୍ଯ୍ୟକୁ ସୁଧାର କରାନଯାଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିଥିଲେ ବି ସେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇନଥିଲେ । କାମ ଠିକ୍ ହେଉଛି ବୋଲି କହିଥିଲେ ।

ବିଶ୍ୱଶାନ୍ତି ମହାଯଜ୍ଞ ଓ ଶଙ୍ଖ ମହୋତ୍ସବ ଉଦ୍‌ଘାଟିତ

ମହୋତ୍ସବ ଶାନ୍ତି, ମୈତ୍ରୀ ଓ ଏକତା ରକ୍ଷା କରେ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଯଜ୍ଞର ଉଦ୍ଦେଶ୍ୟ ହେଉଛି ଶାନ୍ତି ପ୍ରତିଷ୍ଠା । ଯଜ୍ଞ ହେଉଛି ସ୍ୱୟଂ ବ୍ରହ୍ମ । ଜଗନ୍ନାଥ ଚାରିଅକ୍ଷର ଯାହାକି ଧର୍ମ, ଅର୍ଥ , କାମ, ମୋକ୍ଷର ପ୍ରତୀକ ଅଟନ୍ତି । ସତ୍ୟ କର୍ମ କରିବା ସହିତ ହୃଦୟ ମନକୁ ଶୁଦ୍ଧ ରଖିବା ହେଉଛି ଆଧ୍ୟାତ୍ମିକ ଚିନ୍ତନର ପ୍ରକୃତ ମାର୍ଗ ଅଟେ ବୋଲି ବିଶ୍ୱଶାନ୍ତି ମହୋତ୍ସବ ଶାନ୍ତି, ମୈତ୍ରୀ ଓ ଏକତା ରକ୍ଷା କରେ ବୋଲି କଳିକତା ଶାନ୍ତି ନିକେତନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ବୈଷ୍ଣବ ଚରଣ ସାମଲ ଧର୍ମଶାଳା ବ୍ଲକ ପଟୁଣିଆ ପଞ୍ଚାୟତ ଅନ୍ତର୍ଗତ ସିଦ୍ଧପୀଠ ଗଲଗଲି ଶଙ୍ଖ ଠାରେ ଅନୁଷ୍ଠିତ ୧୪ତମ ବିଶ୍ୱଶାନ୍ତି ମହାଯଜ୍ଞ ଓ ଶଙ୍ଖ ମହୋତ୍ସବ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପ୍ରକାଶ କରିଛନ୍ତି । ପ୍ରାଧାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବରେ ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତାକାଟି ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଉତ୍ସବରେ ସ୍ୱାମୀ ଦିନଦୟାଳ ସରସ୍ୱତୀ ବିଶିଷ୍ଟ ଅତିଥିଭାବେ ଯୋଗଦେଇ ଉତ୍ସବର ସଫଳତା କାମନା କରିବା ସହିତ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ । କୋତପୁରର ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ଜେନା, କଣ୍ଟିଗଡିଆ ସମିତିସଭ୍ୟ ଅରୁପାନନ୍ଦ ଜେନା, କମିଟି ସଭାପତି ବିବେକାନନ୍ଦ ଦାସ, ସମ୍ପାଦକ ପ୍ରଶାନ୍ତ ଜେନା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ପ୍ରାରମ୍ଭରେ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଅତିଥିମାନେ ଯଜ୍ଞର ଉଦ୍ୟୋକ୍ତା ତଥା ପ୍ରତିଷ୍ଠାତା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ପୂର୍ବାହ୍ନରେ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଏକ କଳସ ଯାତ୍ରା ଆୟୋଜିତ ହୋଇଥିଲା । କଳସ ଯାତ୍ରାରେ ଆଖପାଖ ୬ ଗୋଟି ପଞ୍ଚାୟତର ମହିଳାମାନେ ସାମିଲ୍ ହୋଇଥିଲେ । ମହିଳାମାନେ ସ୍ଥାନୀୟ ଖଡିଅଙ୍ଗ ନଦୀରୁ କଳସରେ ଜଳ ଆଣିବାପରେ ଯଜ୍ଞ ବେଦୀରେ ପ୍ରତିଷ୍ଠା କରାଯାଇଥିଲା । ଗୋରେଖ ଚୈତନ୍ୟ, ଦୟାନିଧି ଦାଶ, ବ୍ରଜକିଶୋର ମହାନ୍ତି, ସୁଶାନ୍ତ ନାଏକ, ରସାନନ୍ଦ ଦାସ, ଝୁନାରାଣୀ ମିଶ୍ର, ରାଧାରାଣୀ ମିଶ୍ର, ସବିତାମଞ୍ଜରୀ ବିଶ୍ୱାଳ, ମିନତୀ ପଣ୍ଡା, ରଶ୍ମିତା ନାଏକ ପ୍ରମୁଖ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ । ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ସଭାପରେ ଭାରତୀୟ ନାଟ୍ୟ ଏକାଡେମୀ ନାନପୁର ମହାଙ୍ଗା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ଭୂମିହୀନ ଯୋଗ୍ୟ ହିତାଧିକାରୀଙ୍କୁ ମିଳିଲା ଜମି ପଟ୍ଟା

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ଯଦୁମଣି ପଧାନ ଅଡ଼ିଟୋରିୟମ୍, ବରଗଡ଼ ଠାରେ ବରଗଡ଼ ତହସିଲ ତରଫରୁ ଭୂମିହୀନ ଯୋଗ୍ୟ ହିତାଧିକାରୀଙ୍କୁ ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ ବିଧାୟକ, ବରଗଡ଼, ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଏବଂ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ ଯୋଗଦେଇଥିଲେ । ଏହି ପରିପ୍ରେକ୍ଷୀରେ ୪୬୬ ପଟ୍ଟା ଗତ ୨୦୨୫ ବର୍ଷ ପ୍ରସ୍ତୁତ କରାଯାଇଥିବା ସ୍ଥଳେ ତନ୍ମଧ୍ୟରୁ ୨୮୬ଟି ପଟ୍ଟା ବଣ୍ଟନ କରଗଲା । ଅନ୍ୟ ୧୮୦ ଗୋଟି ପଟ୍ଟା ଗତ ବିକାଶ ମେଳାରେ ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରା ବଣ୍ଟନ ସରିଥିଲା । ଏହି ୨୮୬ ପଟ୍ଟା ମଧ୍ୟରୁ ସରସରାର ମୌଜାର ୧୨୫ଟି, ଜାମୁର୍ଡ଼ାର ୪୪ଟି, ତାଳସିର୍ଗିଡ଼ାର ୧୭ଟି, ଗାଇସିମାର ୧୨ଟି, ତେଲେନ୍ ପାଲିର ୧୪ଟି, ବାଲିଯୋରିର ୨ଟି, କୁରୁଆଁର ୪୯ଟି ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ବରଗଡ଼ ବ୍ଲକର ଶହ ଶହ ହିତାଧିକାରୀ ଉପସ୍ଥିତ ରହି ଜମି ପଟ୍ଟା ଗ୍ରହଣ କରି ଖୁସିବ୍ୟକ୍ତ କରି ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ଅବସରରେ ତହସିଲଦାର ସୋନାଲି ପଟ୍ଟନାୟକ, ଅତିରିକ୍ତ ତସିଲଦାର ନିଶିକାନ୍ତ ମେହେର ଏବଂ ଆର୍‌ଆଇଙ୍କ ସମେତ ତହସିଲ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଯୋଗଦେଇଥିଲେ ।

୧୨.୩୮ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ:ଜଣେ ଗିରଫ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର ଥାନା ଅନ୍ତର୍ଗତ ଖେରସ ଠାରେ ନିର୍ମାଣ ଏନ୍‌ଏଚ୍ ୫୫ ନିକଟରୁ ବିଶେଷ ସୂତ୍ରରୁ ଖବରପାଇ ଏସ୍‌ଆଇ ବ୍ରହ୍ମାନନ୍ଦ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରି ସେହି ଗ୍ରାମର ନାରାୟଣ ଖଟୁଆଙ୍କ ୨୭ ବର୍ଷର ପୁଅ ସୁଦର୍ଶନ ଖଟୁଆ ଠାରୁ ୧୨. ୩୮ ଗ୍ରାମ୍‌ର ବ୍ରାଉନ୍ ସୁଗାର ଜବତ କରିବା ସାହି ସୁଦର୍ଶନକୁ କାବୁ କରିଥିଲା । ଏହାର ବଜାରରେ ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୫ ହଜାର ଟଙ୍କା ହେବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ । ଜଗତସିଂହପୁର ପୋଲିସ କେଶ୍ ନମ୍ବର ୬୭/୨୬ରେ ମାମଲା ରୁଜୁ କରି ଅଭିଯୁକ୍ତ ସୁଦର୍ଶନକୁ କୋର୍ଟ ଚାଲାଣ କରିଥିବା ଜଗତସିଂହପୁର ଥାନା ଅଧିକାରୀଙ୍କ ଠାରୁ ସୂଚନା ମିଳିଛି ।

ମଣ୍ଡି ସ୍ଥାନାନ୍ତର ନେଇ ଚାଷୀଙ୍କ ଅସନ୍ତୋଷ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ଚନ୍ଦନନଗର ସ୍ଥିତ ପ୍ରାଥମିକ କୃଷି ସମବାୟ ସମିତି ଦୀର୍ଘ ୨୫ ବର୍ଷ ହେବ ଭଡା ଘରେ ଚାଲୁଥିବା ବେଳେ ସଭାପତିଙ୍କ ବାସଗୃହ ବାହାରେ ଧାନ ଖଳା ଚାଲୁଥିଲା । ମାତ୍ର ଚାଷୀଙ୍କ ଅଭିଯୋଗ କ୍ରମେ ଅଫିସ୍ ଠାରୁ ୫୦୦ ମିଟର ଦୂରରେ ଏକ ଭଡା ଘରେ ବର୍ତ୍ତମାନ ଚାଲୁ ରହିଛି । ଚାଷୀ ମାନଙ୍କ ଦାବି ମୁତାବକ ପଟ୍ଟାମୁଣ୍ଡାଇ ରାଜନଗର ରାସ୍ତା ପାଖକୁ ଲାଗି ଆମ ଗାଁ ଆମ ବିକାଶ ଗୃହକୁ ଧାନ ଖଳା ଉଠାଇବା ପାଇଁ ଏଆର୍‌ସିଏସ୍ ନିଷ୍ପତି ନେଇଥିଲେ । ସେହି ସ୍ଥାନରେ ପ୍ରଚୁର ସରକାରୀ ଜାଗା, ବିଶ୍ରାମ ଚୁଙ୍ଗୀ ଓ ଶୌଚାଳୟ ପ୍ରଭୃତି ସହିତ ପଞ୍ଚାୟତର କୋଠାଘର, ଯାନବାହନ ରଖିବା ପାଇଁ ପ୍ରଶସ୍ତ ସ୍ଥାନ ଓ ସରକାରୀ ଜାଗା ରହିଛି । ମାତ୍ର ସେଠାକୁ ମଣ୍ଡି ନ ଉଠାଇ ସଭାପତି ଓ ଏଆର୍‌ସିଏସ୍ ଟାଳଟୁଳ ନୀତି ଅବଲମ୍ବନ କରିବାରୁ ଚାଷୀମାନେ ସାଂସଦ, ଜିଲ୍ଲାପାଳ, ଏଆର୍‌ସିଏସ୍ ପ୍ରଭୃତି

ପକ୍ଷାଭକୀୟ
31 YEARS
ସମ୍ବାଦ କଳିକା

ବିଶ୍ୱ ମଞ୍ଚରେ ଭାରତ, ଚୀନ ଏବଂ ପାକିସ୍ତାନ ଗୋଟିଏ ସ୍ୱରରେ ଭୋଟ୍ ଦେଲେ

ମିଳିତ ଜାତିସଂଘ ମାନବାଧିକାର ପରିଷଦର ସ୍ୱତନ୍ତ୍ର ଅଧିବେଶନରେ ଭାରତ ପୁଣି ଥରେ ନିଜର ସ୍ୱାଧୀନ ବୈଦେଶିକ ନୀତି ସହିତ ବିଶ୍ୱକୁ ଚକିତ କରିଛି । ପାଶ୍ଚାତ୍ୟ ଦେଶଗୁଡ଼ିକର ପ୍ରବଳ ଚାପ ସତ୍ତ୍ୱେ, ଭାରତ ଇରାନ ବିରୋଧରେ ଆଗତ ମାନବାଧିକାର ଉଲ୍ଲଂଘନ ସମ୍ପର୍କିତ ପ୍ରସ୍ତାବ ବିରୋଧରେ ଭୋଟ୍ ଦେଇଛି । ବିଶ୍ୱ ମଞ୍ଚରେ ଇରାନକୁ ଖୋଲା ଖୋଲି ସମର୍ଥନ କରିଛି ଭାରତ । ଏହି ପଦକ୍ଷେପ ଭାରତ ଓ ଇରାନ ମଧ୍ୟରେ ବୃଦ୍ଧି ପାଉଥିବା ରଣନୈତିକ ସମ୍ପର୍କକୁ ପ୍ରତିଫଳିତ କରିଛି । ଜାନୁଆରୀ ୨୨ରେ ଅନୁଷ୍ଠିତ ଭୋଟରେ କୌଣସି ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ବାହ୍ୟ ହସ୍ତକ୍ଷେପକୁ ସମର୍ଥନ କରେ ନାହିଁ ବୋଲି ଭାରତ ସ୍ପଷ୍ଟ କରିଥିଲା । ଜାତିସଂଘ ମାନବାଧିକାର ପରିଷଦର ୩୯ତମ ସ୍ୱତନ୍ତ୍ର ଅଧିବେଶନରେ ଏକ ବଡ଼ ଭୂରାଜନୈତିକ ପରିବର୍ତ୍ତନ ଦେଖିବାକୁ ମିଳିଛି । ପାଶ୍ଚାତ୍ୟ ଦେଶଗୁଡିକ ଦ୍ୱାରା ଆଗତ ଇରାନ ମାନବାଧିକାର ପରିସ୍ଥିତିକୁ ନିନ୍ଦା କରୁଥିବା ଏକ ପ୍ରସ୍ତାବରେ ଭାରତ ଖୋଲାଖୋଲି ଭାବରେ ତେହେରାନକୁ ସମର୍ଥନ କରିଛି । ଭାରତ କେବଳ ଏହି ପ୍ରସ୍ତାବକୁ ବିରୋଧ କରିନଥିଲା ବରଂ 'ନୋ' ଭୋଟ୍ ଦେଇ ପାଶ୍ଚାତ୍ୟ ଦେଶକୁ ବିଶେଷ କରି ଆମେରିକା ଏବଂ ୟୁରୋପୀୟ ଦେଶ ମେଣ୍ଟକୁ ଆଶ୍ଚର୍ଯ୍ୟ କରିଥିଲା । ଭାରତ ତାର ପାରମ୍ପରିକ କୂଟନୈତିକ ମନୋଭାବରୁ ଓହରି ଭୋଟ ଦେବାରୁ ବିରତି ନେଇଥିଲା । ମାନବଧିକାର ପ୍ରସ୍ତାବ ଉପରେ ନିରପେକ୍ଷ ମନୋଭାବ ବଜାୟ ରଖିଥିଲେ । ପାଶ୍ଚାତ୍ୟ ଦେଶଗୁଡ଼ିକ ଦ୍ୱାରା ଆଗତ ଏହି ପ୍ରସ୍ତାବ, ୨୮ ଡିସେମ୍ବର, ୨୦୨୫ରେ ଇରାନରେ ଆରମ୍ଭ ହୋଇଥିବା ଦେଶବ୍ୟାପୀ ପ୍ରତିବାଦ ସହିତ ଜଡିତ ଥିଲା । ସେଥିରେ ମାନବାଧିକାର ଉଲ୍ଲଂଘନର ଅଭିଯୋଗ କରାଯାଇଥିଲା । ଏହି ପ୍ରତିବାଦ ମୁଖ୍ୟତଃ ଇରାନରେ ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି, ଅର୍ଥନୈତିକ ସଙ୍କଟ ଓ ମୁଦ୍ରାର ଅବମୂଲ୍ୟାୟନ ଯୋଗୁ ହୋଇଥିଲା । ପ୍ରସ୍ତାବରେ ଇରାନ ସରକାରଙ୍କ ଦ୍ୱାରା ପ୍ରଦର୍ଶନକାରୀଙ୍କ ବିରୋଧରେ ଅତ୍ୟଧିକ ବଳ ପ୍ରୟୋଗ ଓ ଗିରଫଦାରୀର ଅନ୍ତର୍ଜାତୀୟ ତଦନ୍ତ ଦାବି କରାଯାଇଥିଲା । ଏହାକୁ ଭାରତ ପକ୍ଷରୁ ଖଣ୍ଡନ କରାଯାଇଥିଲା । ଫ୍ରାନ୍ସ, ମେକ୍ସିକୋ ଓ ଦକ୍ଷିଣ କୋରିଆ ଭଳି ଦେଶ ଏହି ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିଲେ । ଭାରତ ଓ ଚୀନ୍ ସମେତ ୭ଟି ଦେଶ ଏହାକୁ ଦୃଢ଼ ବିରୋଧ କରିଥିଲେ । ଏହା ବ୍ୟତୀତ, ୧୪ ଦେଶ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଏକ ସାଧାରଣ ମତ ବଜାୟ ରଖିଥିଲେ ତଥା ଭୋଟିଂ ପ୍ରକ୍ରିୟାରୁ ଦୂରେଇ ରହିଥିଲେ । ଫଳରେ ପଶ୍ଚିମ ମେଣ୍ଟ ଆଶାତୀତ ସଫଳତାରୁ ବଞ୍ଚିତ ହୋଇଥିଲା । ଇରାନ ଏହାକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରେରିତ ଓ ନିଜ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ବାହ୍ୟ ହସ୍ତକ୍ଷେପ ବୋଲି କହି ଅନ୍ତର୍ଜାତୀୟ ସ୍ତରରେ ପ୍ରସ୍ତାବକୁ ସମ୍ପୂର୍ଣ୍ଣ ଭାବରେ ଖଣ୍ଡନ କରିଥିଲା ।

ସୂର୍ଯ୍ୟଦେବ ଓ ମାଘସପ୍ତମୀ

ରେବତୀ ମହାପାତ୍ର
ଶିଶୁପାଳଗଡ, ଭୁବନେଶ୍ୱର
ମୋ: ୯୯୩୭୪୫୪୩୯୩

ନବଗ୍ରହ ମାନଙ୍କ ମଧ୍ୟରେ ସୂର୍ଯ୍ୟ ହେଉଛନ୍ତି ଗ୍ରହରାଜ । ସୂର୍ଯ୍ୟଙ୍କ ତେଜ ଅଗ୍ନିତତ୍ତ୍ୱକୁ ବୁଝାଏ ଯାହା ପଞ୍ଚଭୂତ ମଧ୍ୟରୁ ଅନ୍ୟତମ । ଏ ଜୀବଜଗତର ଅସ୍ତିତ୍ୱ ନିମନ୍ତେ ସୂର୍ଯ୍ୟଙ୍କ ସ୍ଥିତି ଅପରିହାର୍ଯ୍ୟ । ସୂର୍ଯ୍ୟଙ୍କ ଆକର୍ଷଣ ଶକ୍ତି ଯୋଗୁଁ ପୃଥିବୀର ଗତିଚକ୍ର ଆବର୍ତ୍ତନ ଓ ପରିକ୍ରମଣ ସମ୍ଭବ ହୋଇଛି ଯାହା ଋତୁଚକ୍ର ଏବଂ ଜଳଚକ୍ରକୁ ସମ୍ଭବ କରିଛି । ସକଳ ଶକ୍ତିର ଆଧାର ସୂର୍ଯ୍ୟଙ୍କୁ ପୃଥିବୀର ଭିନ୍ନ ଭିନ୍ନ କୋଣରେ ଭିନ୍ନ ଭିନ୍ନ ନାମରେ ପୂଜା କରାଯାଇଥାଏ । ଇଜିପ୍ଟ ଦେଶରେ 'ରା' ଭଗବାନଙ୍କ ନାମରେ, ଜାପାନ ଦେଶରେ ଅମତେରାସୁ ଓ ଗ୍ରୀସ୍ ଦେଶରେ ହେଲିୟସ ତଥା ଆପୋଲୋ ଭଗବାନଙ୍କ ନାମରେ ସୂର୍ଯ୍ୟଙ୍କୁ ପୂଜା କରାଯାଇଥାଏ । ସୂର୍ଯ୍ୟଙ୍କୁ ପୂଜା କରିବାର ପରମ୍ପରା ପ୍ରାକ୍ ଐତିହାସିକ ଯୁଗର ବିଲୁପ୍ତ ମାୟା ସଭ୍ୟତା, ବେବିଲୋନ ସଭ୍ୟତା, ପୁରୁଣା ମିଶର ସଭ୍ୟତା, ମେସୋପଟାମିଆ ସଭ୍ୟତା ଆଦିରେ ପ୍ରଚଳନ ଥିବାର ପ୍ରମାଣ ମିଳିଥାଏ ।

ପୁରାଣ କଥାନୁଯାୟୀ ଋଷି କାଶ୍ୟପଙ୍କ ୧୩ଟି ପତ୍ନୀ ଥିଲେ ଏବଂ ପତ୍ନୀ ଅଦିତିଙ୍କ ପୁତ୍ରଥିଲେ ସୂର୍ଯ୍ୟ ଦେବ । ବିଶ୍ୱକର୍ମାଙ୍କ କନ୍ୟା ସଞ୍ଜାଙ୍କୁ ସେ ବିବାହ କରିଥିଲେ । ସଞ୍ଜାଙ୍କୁ ସନ୍ଧ୍ୟା ନାମରେ ମଧ୍ୟ ସମ୍ବୋଧନ କରାଯାଇଥାଏ । ସଂଜ୍ଞାଙ୍କ ଗର୍ଭରୁ ପୁତ୍ର ବୈବସ୍ୱତ ମନୁ, ଯମ ଏବଂ କନ୍ୟା ଯମୁନା ଜନ୍ମ ଲାଭ କରିଥିଲ । ସୂର୍ଯ୍ୟଦେବଙ୍କ ଦ୍ୱିତୀୟ ପତ୍ନୀ ଛାୟାଙ୍କ ଗର୍ଭରୁ ସାବର୍ଣ୍ଣ, ଶନି ଓ ତପତି ଜନ୍ମ ଗ୍ରହଣ କରିଥିଲ । ବୈବସ୍ୱତ ମନୁଙ୍କ ଠାରୁ ସୂର୍ଯ୍ୟବଂଶର ପ୍ରାରମ୍ଭ ଘଟିଥିଲା । ସୂର୍ଯ୍ୟଙ୍କରଥରେ ସାତୋଟି ଘୋଡାଥିଲେ । ସାତୋଟି ଘୋଡାର ନାମକରଣ ସାତୋଟି ଛନ୍ଦରୁ ହୋଇଥିଲା ଯଥା ଗାୟତ୍ରୀ ,ବୃହତୀ, ଜଗତୀ, ଅନୁଷ୍ଟୁପ, ତ୍ରିଷ୍ଟୁପ, ଉଷ୍ଣିଃ ଓ ପଂକ୍ତି । ଏହି ସାତୋଟି ଘୋଡା ସୌରରଶ୍ମିରେ ଥିବା ସାତୋଟି ମୌଳିକ ରଙ୍ଗକୁ ମଧ୍ୟ ସୂଚାଇଥାଏ ଯାହା ଇନ୍ଦ୍ରଧନୁରେ ଦୃଷ୍ଟିଗୋଚର ହୁଏ । ବିନତାଙ୍କ ପୁତ୍ର ଅରୁଣ ଦେବ ହେଲେ ସୂର୍ଯ୍ୟଙ୍କ ରଥର ସାରଥି । ରଥର ଲଗାମ ଯକ୍ଷଗଣ ଧରିଥା'ନ୍ତି । ବାଲଖିଲ୍ୟଗଣ ରଥର ଚତୁଃପାର୍ଶ୍ୱ ବେଷ୍ଟନ କରି ରହନ୍ତି । ସର୍ପମାନେ ଅନୁକୂଳ ପଦାର୍ଥରେ ରଥକୁ ସୁସଜ୍ଜିତ କରନ୍ତି । ସୂର୍ଯ୍ୟଙ୍କ ରଥର ବିସ୍ତାର ନଅ ଲକ୍ଷ ଯୋଜନ । ଅର ଦେଢକୋଟି ସାତ ଲକ୍ଷ ଯୋଜନ ଲମ୍ବ । ପୂର୍ବାହ୍ନ, ମଧ୍ୟାହ୍ନ ଏବଂ ଅପରାହ୍ନ ସୂର୍ଯ୍ୟଙ୍କର ତିନି ନାଭି । ଋକ୍ର, ଯର୍ଜୁ ଓ ସାମ ଆଦି ତିନି ବେଦ ସୂର୍ଯ୍ୟଙ୍କୁ ତାପ ପ୍ରଦାନ କରନ୍ତି । ସୂର୍ଯ୍ୟଙ୍କ ଦ୍ୱାରପାଳ ଯମଦେବ ଏବଂ ଅଗ୍ନିଦେବ ଅଟନ୍ତି । ସୂର୍ଯ୍ୟଙ୍କ ବାମ ପାର୍ଶ୍ୱରେ ଉଷା ଓ ଦକ୍ଷିଣରେ ପ୍ରତ୍ୟୁଷା ଧନୁଶର ଧରିଥାନ୍ତି । ତ୍ରେତୟାଯୁଗରେ ସୁଗ୍ରୀବ ଓ ଦ୍ୱାପର ଯୁଗରେ କର୍ଣ୍ଣ ମଧ୍ୟ ସୂର୍ଯ୍ୟଙ୍କ ପୁତ୍ର ଥିଲେ । ଜମଦଗ୍ନୀଙ୍କ ଅଭିଶାପରୁ ସୂର୍ଯ୍ୟ ରାହୁଗ୍ରସ୍ତ ହୋଇଥାନ୍ତି ।

ଚନ୍ଦ୍ରଭାଗା ନଦୀ କୂଳରେ ବିଦ୍ୟମାନ କୋଣାର୍କ ସୂର୍ଯ୍ୟମନ୍ଦିର ଓଡିଶାର ଗୌରବ । ପୁରାଣ ଅନୁଯାୟୀ ସୂର୍ଯ୍ୟ ଏହିଠାରେ ଅର୍କାସୁର ନାମକ ରାକ୍ଷାସକୁ ବଧ କରିଥିଲେ ଏବଂ ସୂର୍ଯ୍ୟଙ୍କୁ ଅର୍କ ଆଖ୍ୟା ଦିଆଯାଇଥିଲା । ରାଜା ଲାଙ୍ଗୁଳା ନରସିଂହ ଦେବ ଏହି ମନ୍ଦିରର ନିର୍ମାଣ କରିଥିଲେ । ବିଶୁ ମହାରଣାଙ୍କ ତତ୍ତ୍ୱାବଧାନରେ ବାରଶହ ବଢେଇ ନିଜର କରିଗରୀ କୌଶଳୀରେ ଏହି ଅଦ୍ୱିତୀୟ ମନ୍ଦିର ତିଆରି କରିଥିଲେ ଯାହା ଏକ ରଥ ରୂପରେ ଦୃଶ୍ୟମାନ ଏବଂ ଏଥିରେ ଖଚିତ ଥିବା ୨୪ଟି ଚକ ଓ ୭ଟି ଘୋଡା ଦ୍ୱାରା ଏପରି ପ୍ରତୀୟମାନ ହୁଏ କି ସୂର୍ଯ୍ୟଦେବ ନିତ୍ୟ ଏହି ରଥରେ ଆକାଶ ମାର୍ଗରେ ବିଚରଣ କରି ସମଗ୍ର ଆକାଶ-ଗଙ୍ଗାକୁ ଆଲୋକମୟ କରନ୍ତି । କିମ୍ବଦନ୍ତୀ ଅନୁଯାୟୀ "ବାରଶହ ବଢେଇ ମନ୍ଦିର ନିର୍ମାଣ ସମାପନ କରିଥିଲେ ମଧ୍ୟ ଦଧିନଉତି ସ୍ଥାପନ

କରିପାରି ନଥିଲେ । ବାର ବର୍ଷ ମଧ୍ୟରେ ମନ୍ଦିର ନିର୍ମାଣ ଶେଷ ନ ହେବାରୁ ରାଜା ବଢେଇମାନଙ୍କ ମୁଣ୍ଡକାଟର ଆଦେଶ ଦେଲେ । ବିଶୁ ମହାରଣାଙ୍କ ଏକ ମାତ୍ର ପୁତ୍ର ବାର ବର୍ଷର ଧର୍ମପଦ ପିତାଙ୍କୁ ପ୍ରଥମ କରି ଦେଖିବା ପାଇଁ ଖୋଜି ଖୋଜି ଇତି ମଧ୍ୟରେ ସେଠାରେ ପହଞ୍ଚିଥିଲା ଏବଂ ମନ୍ଦିରର ଶୀର୍ଷରେ ଦଧିନଉତି ସ୍ଥାପନ କରିଥିଲା । ହେଲେ ବାରଶହ ବଢେଇଙ୍କ ସମ୍ମାନକୁ ରକ୍ଷା କରିବା ପାଇଁ ଧର୍ମପଦ ଚନ୍ଦ୍ରଭାଗା ନଦୀରେ ଜୀବନ ଝାସ ଦେଇଥିଲେ । "କୋଣାର୍କ ସୂର୍ଯ୍ୟ ମନ୍ଦିରରେ ସୂର୍ଯ୍ୟଙ୍କ ଆଦିତ୍ୟ, ଅରୁଣ, ଭାସ୍କର ଓ ବିଶ୍ୱଭାନୁ ରୂପରେ ସ୍ଥାପିତ ମୂର୍ତ୍ତି ଦେଖାଯାଇଥାଏ । ଗୁଜୁରାଟର ମୋଧେରା ସୂର୍ଯ୍ୟ ମନ୍ଦିରରେ ଦ୍ୱାଦଶ ଆଦିତ୍ୟ ମୂର୍ତ୍ତି ଦୃଷ୍ଟିଗୋଚର ହୋଇଥାଏ ।

ଓଡିଶାରେ ପୌଷ ମାସର ଶାମ୍ବ ଦଶମୀ, ରବିନାରାୟଣ ବ୍ରତ ଓ ମାଘ ସପ୍ତମୀ ଆଦି ତିଥିରେ ସାମ୍ବାଦିତ୍ୟ ବା ସୂର୍ଯ୍ୟ ଦେବଙ୍କୁ ଉପାସନା କରାଯାଇଥାଏ । ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ କୁଷ୍ଠ ରୋଗର ଅଭିଶାପରୁ ଉଦ୍ଧାର ପାଇବା ପାଇଁ ଅର୍କ କ୍ଷେତ୍ରରେ ତପସ୍ୟା କରିଥିଲେ ଏବଂ ସେ ଆରୋଗ୍ୟ ଲଭିଥିଲେ । ସେହିଦିନକୁ ପରବର୍ତ୍ତୀ ସମୟରେ ଶାମ୍ବ ଦଶମୀ ରୂପେ ପାଳନ କରାଗଲା । ଘରେ ଘରେ ମା' ମାନେ ନିଜର ସନ୍ତାନ ମାନଙ୍କ ଆରୋଗ୍ୟ ପାଇଁ ସୂର୍ଯ୍ୟଙ୍କ ଉଦ୍ଦଶ୍ୟରେ ବ୍ରତ ପୂଜା କରିଥାନ୍ତି । ମାଘ ସପ୍ତମୀ ଦିନ ସୂର୍ଯ୍ୟଙ୍କ ଜନ୍ମଦିନ ଥିବାରୁ ଚନ୍ଦ୍ରଭାଗା ନଦୀରେ ବୁଡ ପକାଇ ଲୋକେ ପୂଣ୍ୟ ଅର୍ଜନ କରିଥାନ୍ତି । ମାଘ ସପ୍ତମୀକୁ ରଥ ସପ୍ତମୀ ମଧ୍ୟ କୁହାଯାଇଥାଏ । ସୂର୍ଯ୍ୟ ହେଉଛନ୍ତି ସ୍ୱୟଂ ଜଗନ୍ନାଥ ହିରଣ୍ୟ ଗର୍ଭ । ଜଗନ୍ନାଥ ମହାପ୍ରଭୁଙ୍କ ଦକ୍ଷିଣ ନେତ୍ର ସୂର୍ଯ୍ୟ ଅଟନ୍ତି । ମନୁଷ୍ୟମାନଙ୍କ ଦକ୍ଷିଣ ନାସା ପୂଡାରେ ସୂର୍ଯ୍ୟ ଥାନ୍ତି । ଶ୍ୱାସକ୍ରିୟାର ସାହାଯ୍ୟ କରୁଥିବା ନାଡୀକୁ ସୂର୍ଯ୍ୟ ନାଡୀ କୁହାଯାଇଥାଏ । ସୂର୍ଯ୍ୟଙ୍କ ସୁଷୁମ୍ନା ନାମକ କିରଣର ଶୁକ୍ଳ ପକ୍ଷରେ ଚନ୍ଦ୍ରମା ଶୋଷିତ ହୋଇଥାନ୍ତି । କୃଷ୍ଣପକ୍ଷର ସହି ଅମୃତମୟ କଳାକୁ ପ୍ରତ୍ୟହ ଦେବଗଣ ନିରନ୍ତର ପାନ କରିଥାନ୍ତି । ଚତୁର୍ଦ୍ଦଶୀ ଦିନ ଅବଶିଷ୍ଟ ଥିବା ଦୁଇ କଳାଯୁକ୍ତ ଚନ୍ଦ୍ରମାକୁ ପିତୃଗଣ ପାନ କରିଥାନ୍ତି । ଏହିପରି ସୂର୍ଯ୍ୟଙ୍କ ଦ୍ୱାରା ପିତୃଗଣଙ୍କର ତର୍ପଣ ହୋଇଥାଏ । ସୂର୍ଯ୍ୟଙ୍କ ଉତ୍ତରାୟଣ ଗତିର ପ୍ରାରମ୍ଭ ଦିବସ ମକର ସଙ୍କ୍ରାନ୍ତିରୂପେ ପାଳନ କରାଯାଏ ।

ସୂର୍ଯ୍ୟ ହେଉଛନ୍ତି ଲୋକଚକ୍ଷୁ । ସଂସାରର ସମସ୍ତ କର୍ମର ପ୍ରତ୍ୟକ୍ଷ ସାକ୍ଷୀ । ସୂର୍ଯ୍ୟ ଉଦୟ ହେଲେ ପଦ୍ମ ବିକଶିତ ହୁଏ । ସୂର୍ଯ୍ୟମୁଖୀ ସୂର୍ଯ୍ୟଙ୍କ ଗତି ଅନୁସାରେ ମୁଖ ପରିବର୍ତ୍ତନ କରିଥାଏ । ସୂର୍ଯ୍ୟଙ୍କୁ ଉପାସନା କଲେ ପ୍ରାଣୀର ସମସ୍ତ ପାପନାଶ ହୋଇଥାଏ । "କୁଷ୍ଠ ରୋଗଂ ହରଂ ଚୈବ ଦାରିଦ୍ର୍ୟଂ ହରତେ ଧ୍ରୁବଂ, ସର୍ବ ତୀର୍ଥ ପ୍ରଦଂ ଚୈବ ସର୍ବ କାମ ପ୍ରବନ୍ଦନଃ ।" ସୂର୍ଯ୍ୟ ଦେବଙ୍କୁ ପ୍ରତ୍ୟହ ଗାୟତ୍ରୀ ମନ୍ତ୍ର ସହ ଓଂ ଘୃଣୀ ସୂର୍ଯ୍ୟାୟ ନମଃ ମନ୍ତ୍ରରେ ସ୍ମରଣ କରିବା ବିଧେୟ । ଏଥି ସହ ନିମ୍ନ ୫ ମୁଦ୍ରାରେ ସୂର୍ଯ୍ୟଙ୍କୁ ଉପାସନା କଲେ ସୂର୍ଯ୍ୟଦେବଙ୍କ ଆଶୀର୍ବାଦ ଲାଭ ହୋଇଥାଏ ଯଥା ୧- ସ୍ୱାଗତ ଭବ । ୨- ସୁପ୍ରତିଷ୍ଠିତ ଭବ । ୩- ସନ୍ନିଧୁ ଭବ । ୪- ସନ୍ନିହିତ ଭବ । ୫- ସମ୍ମୁଖ ଭବ । ସୂର୍ଯ୍ୟଙ୍କୁ ପ୍ରାତଃକାଳରେ ବ୍ରହ୍ମା, ମଧ୍ୟାହ୍ନରେ ମହେଶ୍ୱର ଏବଂ ସନ୍ଧ୍ୟାରେ ବିଷ୍ଣୁଙ୍କ ରୂପରେ ପୂଜା କରିବାର ବିଧି ବେଦ ପ୍ରଭୃତିରେ ବର୍ଣ୍ଣିତ ଅଛି ।

ସୌର ଶକ୍ତିରୁ ବିଦ୍ୟୁ ତ୍ ଶକ୍ତିଉତ୍ପନ୍ନ ହେଉଛି ଏବଂ ଏକ ପରିବେଶ ଅନୁକୂଳ ଶକ୍ତି ଉତ୍ସ ରୂପେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଆଲୋକ ସଂଶ୍ଳେଷଣ ପ୍ରକ୍ରିୟା ମାଧ୍ୟମରେ ସଂସାରର ସମସ୍ତ ହରିତ୍ ଉଦ୍ଭିଦମାନେ ସୂର୍ଯ୍ୟଙ୍କ ରଶ୍ମିରୁ ଶକ୍ତି ସଂଗ୍ରହ କରି ଖାଦ୍ୟ ପ୍ରସ୍ତୁତ କରିଥାନ୍ତି । ସୂର୍ଯ୍ୟକିରଣରେ ଥିବା ଭିଟାମିନ୍ ଡି ଯୋଗୁ ପ୍ରାତଃକାଳରେ ସୂର୍ଯ୍ୟକିରଣରେ ଚାଲିବା ଦ୍ୱାରା ଶାରୀରିକ ସକ୍ରିୟତା ଉନ୍ନତ ହୋଇଥାଏ । ଘରେ ଘରେ ନିତ୍ୟସ୍ନାନ ପରେ ସୂର୍ଯ୍ୟଙ୍କୁ ଢାଳ ପାଣି ଦ୍ୱାରା ଅଭିଷେକ କରିବାର ପ୍ରଥା ରହିଅଛି । ଏହା ବାସ୍ତବରେ ବିଜ୍ଞାନ ସମ୍ମତ । ସଠିକ୍ ପ୍ରଥା ଅନୁଯାୟୀ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଢାଳୁଥିବା ପାଣିରେ ଆଜିର ସୂର୍ଯ୍ୟଙ୍କ ପ୍ରତିଫଳିତ ରଶ୍ମିକୁ ଦେଖିବା ଆବଶ୍ୟକ । ଜଳର ଧାର ସୌରାଲୋକକୁ ବିଚ୍ଛୁରିତ କରି ଏକ ପ୍ରିଜମ ପରି କାମ କରେ ଏବଂ ସୌରରଶ୍ମିରେ ଥିବା ୭ଟି ଯାକ ରଙ୍ଗ ଦୃଷ୍ଟି ଗୋଚର ହୋଇପାରେ । ନିତ୍ୟ ଏହି ଅଭ୍ୟାସ ମନୁଷ୍ୟର ଦୃଷ୍ଟି ଶକ୍ତିକୁ ଉନ୍ନତ କରିଥାଏ ଏବଂ ଚକ୍ଷୁ ବା ଦୃଷ୍ଟି ଜନିତରୋଗ ଠାରୁ ଶରୀର ଦୂରରେ ରହିଥାଏ । ଯୁବପୀଢି ଅନେକ ସମୟ ଘର ଭିତରେ ରହିବା, ମୋବାଇଲ୍ ଫୋନରେ ସମୟ କାଟିବା, ବିଳମ୍ବରେ ଉଠିବା, ଆବଦ୍ଧ ଜିମ୍ନାସିୟମ୍ ମଧ୍ୟରେ ବ୍ୟାୟାମ କରିବା ଆଦି ଅଭ୍ୟାସକୁ ପସନ୍ଦ କରୁଥିବାର ଦେଖିବାକୁ ମିଳିଥାଏ ଯାହା ପ୍ରକୃତି ଠାରୁ ଦୂରତା ସୃଷ୍ଟି କରୁଛି ଏବଂ ନାନାଦି ଶାରୀରିକ ଓ ମାନସିକ ସମସ୍ୟାର କାରଣ ହେଉଛି । ପୁରାତନ ଯୁଗରୁ ଶାସ୍ତ୍ରକାର ମାନେ ଅର୍କ ଶକ୍ତିର ପ୍ରାଧାନ୍ୟର ଉପଲବ୍ଧ କରିଥିଲେ । ତେଣୁ ପ୍ରକୃତି ସହ ଜଡିତ ଏକ ସନ୍ତୁଳିତ ଜୀବନ ନିର୍ବାହ କରୁଥିଲେ । ଆଜିର ଆଧୁନିକ ବାତାବରଣରେ ମଧ୍ୟ ସେହିପରି ଜୀବନ ଯାପନ ଅସମ୍ଭବ ନୁହେଁ ଏବଂ ପ୍ରକୃତି ପ୍ରଦତ୍ତ ଉପାଦେୟ ଉର୍ଜା ଲାଭ ପ୍ରତି ସଭିଏଁ ଚେଷ୍ଟାରତ ହେବା ଆବଶ୍ୟକ ।

ଆମ ପରମ୍ପରାରେ ମାଘ ସପ୍ତମୀର ମାହାତ୍ମ୍ୟ

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ – ୮୨୪୯୫୦୨୭୭୬

ପୌରାଣିକ ମତାନୁସାରେ, ଏହି ପବିତ୍ର ମାଘ ସପ୍ତମୀ ଦିନ ହେଉଛି ସୂର୍ଯ୍ୟ ଭଗବାନଙ୍କ ଜନ୍ମଦିନ । ସୂର୍ଯ୍ୟ ପୂଜାକୁ ଆଧାର କରି ଚନ୍ଦ୍ରଭାଗା ତୀର୍ଥରେ ଏହି ବ୍ରତ ଅନୁଷ୍ଠିତ ହୋଇଥାଏ । ଏହି ଦିନରେ କୃଷ୍ଣଙ୍କ ପୁତ୍ର ଶାମ୍ବ ଚନ୍ଦ୍ରଭାଗା ନଦୀ ତଟରେ ତପସ୍ୟା କରି ଶ୍ରାପ ଜନିତ ରୋଗରୁ ମୁକ୍ତ ହୋଇଥିଲେ । ଏହି ଦିନରେ ଲାଙ୍ଗୁଳା ନରସିଂହଦେବ ସୂର୍ଯ୍ୟ ମନ୍ଦିର ପ୍ରତିଷ୍ଠା କରିଥିଲେ । ତେଣୁ ନିଜ ପରିବାରକୁ ରୋଗ ଶୋକ ଭୟରୁ ମୁକ୍ତ ରଖିବା ପାଇଁ ହିନ୍ଦୁ ଧର୍ମାଲମ୍ବୀମାନେ ଏହି ପବିତ୍ର ଦିନରେ ଏହି ତୀର୍ଥରେ ବୁଡ ପକାଇ ସୂର୍ଯ୍ୟଦୋୟ ଦର୍ଶନ କରିଥାନ୍ତି । ମାଘ ଶୁକ୍ଳ ସପ୍ତମୀ ଦିନଟି ରଥ ସପ୍ତମୀ ଭାବେ ପାଳନ କରାଯାଏ । ସୂର୍ଯ୍ୟ ଦେବତାଙ୍କର ଉପାସନା ଏଇ ଦିନ କରାଯାଏ । ଓଡିଶାର କୋଣାର୍କର ଚନ୍ଦ୍ରଭାଗା ବେଳାଭୂମି ଏହି ପର୍ବର ମୁଖ୍ୟ ଆକର୍ଷଣ । ସୂର୍ଯ୍ୟଙ୍କୁ ସମର୍ପିତ ବିଶ୍ୱବିଖ୍ୟାତ କୋଣାର୍କ ସୂର୍ଯ୍ୟ ମନ୍ଦିର ଯାହା କୃଷ୍ଣ ପାଗୋଡା ଭାବେ ଖ୍ୟାତ ଏହିଠାରେ ଅବସ୍ଥିତ । ଏହା ଓଡ଼ିଶାର ଏକ ପ୍ରମୁଖ ପର୍ବ । ଏଥିରେ ଓଡ଼ିଶା ତଥା ଭାରତର ବିଭିନ୍ନ ଦେଶରୁ ଭକ୍ତମାନେ ଏକତ୍ରିତ ହୋଇଥାନ୍ତି । ତା'ଛଡା ବିଦେଶରୁ ମଧ୍ୟ ଅନେକ ପର୍ଯ୍ୟଟକ ଏମିତି ମନୋରମ ଉତ୍ସବର ଆନନ୍ଦ ନେବାପାଇଁ ଆସିଥାନ୍ତି । ଏଇ ଦିନ ମହୋଦଧିରେ ସ୍ନାନ ପୂର୍ବକ ଭକ୍ତମାନେ ଉଦିତ ସୂର୍ଯ୍ୟଙ୍କୁ ଦର୍ଶନ ଓ ପ୍ରଣାମ କରନ୍ତି ।

ପଦ୍ମପୁରାଣର ପ୍ରାଚୀ ମାହାତ୍ମ୍ୟରେ ଅର୍କ ତୀର୍ଥର ମାହାତ୍ମ୍ୟ ବର୍ଣ୍ଣନା କରାଯାଇଛି ଓ ସେହି ଅର୍କ ତୀର୍ଥ ପରବର୍ତ୍ତୀ କାଳରେ 'ଚନ୍ଦ୍ରଭାଗା ତୀର୍ଥ ' ନାମରେ ପ୍ରସିଦ୍ଧ ହୋଇଛି ଓ ସ୍ୱର୍ଗର ପୁଣ୍ୟତୋୟା ସରସ୍ୱତୀ ମର୍ତ୍ତ୍ୟଲୋକରେ ପ୍ରାଚୀ ନାମରେ ପ୍ରବାହିତ ହୋଇଥିଲେ ଓ ତା'ପରେ ଏହା ଚିତ୍ରୋତ୍ପଳା, କାଦୁଆ ଓ ଶେଷରେ ଚନ୍ଦ୍ରଭାଗା ନାମରେ କୋଣାର୍କ ନିକଟରେ ସମୁଦ୍ରରେ ପଡ଼ିଥିଲା ଓ ଶାମ୍ବ ଏହି ଚନ୍ଦ୍ରଭାଗା ନଦୀକୂଳରେ ସୂର୍ଯ୍ୟ ଉପାସନା କରି କୁଷ୍ଠରୋଗରୁ ମୁକ୍ତିଲାଭ କରିଥିଲେ ଓ ଏହି ଚନ୍ଦ୍ରଭାଗା ନଦୀରେ ସ୍ନାନ କରୁଥିବା ସମୟରେ ଶାମ୍ବ ସୂର୍ଯ୍ୟଙ୍କର ମଣିବିଗ୍ରହ ପାଇଥିଲେ ଏବଂ ସ୍ୱୟଂ ସୂର୍ଯ୍ୟଦେବ ତାଙ୍କର ସେହି ମୂର୍ତ୍ତିକୁ ଚନ୍ଦ୍ରଭାଗା ନଦୀ ତୀରରେ ମନ୍ଦିର ନିର୍ମାଣ ପାଇଁ ଶାମ୍ବଙ୍କୁ ନିର୍ଦ୍ଦେଶ ଦେଇଥିଲେ ଓ ତେଣୁ ପ୍ରାଚୀନ କାଳରୁ ଚନ୍ଦ୍ରଭାଗା ଏକ ପୂଣ୍ୟତୀର୍ଥ ରୂପେ ଖ୍ୟାତି ଅର୍ଜନ କରିଆସିଛି ଓ ସାରଳା ଦାସଙ୍କ ମହାଭାରତର ବନ ପର୍ବରେ ଅର୍କକ

31 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨୫ ଜାନୁଆରୀ ୨୦୨୬ ରବିବାର

ଅଧିକାରୀ ଓ କର୍ମଚାରୀଙ୍କ ଶପଥ ପାଠ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ଦ୍ୱାରା ୨୫ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ମତଦାତା ଦିବସ ପାଳନ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ମାନଙ୍କୁ ମତଦାତା ଶପଥ ପାଠ କରାଯାଇଥିଲା । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁବର୍ଣ୍ଣପୁର ରାଜେନ୍ଦ୍ର ମାଝୀ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ଜିଲ୍ଲା ନିର୍ବାଚନ ଅଧିକାରୀ, ଯଶସ୍ୱିନୀ ପୃଥାଲ ଓ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର, ଅର୍ଜୁନ ମାଝୀ ଉପସ୍ଥିତଥିଲେ ।

ବ୍ଲକ୍ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ:୮୨ ପ୍ରକଳ୍ପ ପ୍ରଦର୍ଶିତ

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ଦିନ ଖଲ୍ଲିକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଦିବସୀୟ ବିଜ୍ଞାନ ପ୍ରଦର୍ଶନୀ ଆନୁଷ୍ଠାନିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ପ୍ରଦର୍ଶନୀରେ ଉଭୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଉଚ୍ଚ ବିଦ୍ୟାଳୟ ମିଶି ୮୨ ଗୋଟି ବିଦ୍ୟାଳୟର ୮୩ଟି ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ତଥା ଖଲ୍ଲିକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ଦାସ ସଭାପତିତ୍ୱ କରିଥିଲା ବେଳେ ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଖାଡଙ୍ଗା ମୁଖ୍ୟ ଅତିଥି, ବିଆର୍‌ସିସି ସୁଶ୍ରୀ ସୁଷମା ଶବର, ବିଜ୍ଞାନ ଶିକ୍ଷୟିତ୍ରୀ ମେନେକା ଦେବୀ, ସହକାରୀ ଶିକ୍ଷୟିତ୍ରୀ ମଞ୍ଜୁବାଳା ସାହୁ ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ବିଜ୍ଞାନ ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ, ଅଭିନବ ପ୍ରକଳ୍ପ ପ୍ରସ୍ତୁତି, ସାମ୍ପ୍ରତିକ ସମୟର ଆବଶ୍ୟକତାକୁ ନେଇ ପ୍ରଗତି ପଥରେ ବିଜ୍ଞାନର କାର୍ଯ୍ୟକାରିତା, ସମାଜ ପ୍ରତି ସକାରାତ୍ମକ ବିଜ୍ଞାନ ମାନସିକତା ସମ୍ପର୍କରେ ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଦର୍ଶିତ ପ୍ରଦର୍ଶନୀରେ କଞ୍ଚଣା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅନୁଶ୍ରୀ ଘୋଷ ପ୍ରଥମ, ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ତନ୍ମୟୀ ପ୍ରଧାନ ଦ୍ୱିତୀୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗଣ୍ଡାପଲ୍ଲୀର ଛାତ୍ରୀ ତେଜସ୍ୱିନୀ ପଣ୍ଡା ତୃତୀୟ ପୁରସ୍କାର ଲାଭ କରିଥିଲେ । ଉପସ୍ଥିତ ଅତିଥିମାନେ ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର, ସିଲ୍ ଦେଇ ସମ୍ମାନିତ କରିଥିଲେ । ପ୍ରଦର୍ଶନୀରେ ଅଧ୍ୟାପକ ହେମନ୍ତ କୁମାର ପଟ୍ଟନାୟକ, ଗଜେନ୍ଦ୍ର କାଲୋ, ସୂର୍ଯ୍ୟ ଗୌଡ ପ୍ରମୁଖ ବିଚାରପତି ଭାବେ ଯୋଗଦାନ କରିଥିଲେ । ଆୟୋଜିତ ପ୍ରଦର୍ଶନୀରେ ସିଆରସିସି ଲିପନ ପଣ୍ଡା, କୃଷ୍ଣଚନ୍ଦ୍ର ପରିଡ଼ା, ଅନାଥ ବେହେରା, ପ୍ରମୋଦ କୁମାର ପ୍ରଧାନ, ନିରଞ୍ଜନ ସେଠୀ, ନିରଞ୍ଜନ ଗୁରୁ, ରାଜେନ୍ଦ୍ର ପ୍ରସାଦ ପଣ୍ଡା, ପବିତ୍ର କୁମାର ବେହେରା, ରବୀନ୍ଦ୍ର କୁମାର ନାୟକ, ଡକ୍ଟର ଦ୍ୱାରିକାନାଥ ମହାରଣାଙ୍କ ସମେତ ମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ରହି ପ୍ରଦର୍ଶନୀ ପରିଚାଳନାରେ ସହଯୋଗ କରିଥିଲେ ।

ଶିଶୁ କନ୍ୟାଙ୍କ ସୁରକ୍ଷା ଓ ବାଲ୍ୟ ବିବାହ ରୋକିବା ଉପରେ ଗୁରୁତ୍ୱ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତି ଭବନ ଠାରେ ଜିଲ୍ଲା ସ୍ତରୀୟ ଜାତୀୟ ଶିଶୁ କନ୍ୟା ଦିବସ– ୨୦୨୬ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଛାତ୍ରଛାତ୍ରୀ ଏବଂ ତୃଣମୂଳ ସ୍ତରର ମହିଳାମାନଙ୍କୁ ଶିଶୁମାନଙ୍କ ସୁରକ୍ଷା, ବାଲ୍ୟ ବିବାହରୁ ମୁକ୍ତି ଏବଂ ବିଧବା ବିବାହ ଉପରେ ଗୁରୁତ୍ୱ ଦେଇଥିଲେ । ସେ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ନାରୀମାନଙ୍କର ଉପଲବ୍ଧି ବିଷୟରେ ସ୍ମରଣ କରାଇଥିଲେ ଏବଂ ସମସ୍ତ ଉପସ୍ଥିତ ବ୍ୟକ୍ତିଙ୍କୁ

ନିଜ ସ୍ତରରେ ବିଧବା ବିବାହକୁ ପ୍ରୋତ୍ସାହନ ଦେବାପାଇଁ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରେଣୁକା ସୁନା, ସୁବର୍ଣ୍ଣପୁର ଉପଜିଲ୍ଲାପାଳ ଡ଼. ସୌମ୍ୟରୂପା ରଥ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ଶିଶୁ କନ୍ୟା ଦିବସ ଉପଲକ୍ଷେ ଶୁଭେଚ୍ଛା ଜଣାଇଥିଲେ । ଉପଜିଲ୍ଲାପାଳ ଡ଼. ସୌମ୍ୟରୂପା ରଥ କହିଥିଲେ ଯେ ନାରୀମାନେ ଆଜିକା ଦିନରେ କିଛି ମଧ୍ୟ କରିପାରିବେ ଏବଂ ନିଜ ଇଚ୍ଛାଅନୁସାରେ ଲକ୍ଷ୍ୟ ପ୍ରାପ୍ତି ପାଇଁ ପ୍ରୟାସୀ ହେବା ଉଚିତ । ସେ ଶାରୀରିକ ଭାବେ ଶକ୍ତିଶାଳୀ ହେବା ସହିତ ମୋବାଇଲ୍ ଫୋନ୍‌ରୁ ଦୂରେଇ ରହି ବହି ପଢ଼ିବାକୁ ପରାମର୍ଶ ଦେଇଥିଲେ । ପରିଶେଷରେ ଜାତୀୟ ଶିଶୁ କନ୍ୟା ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା ।

ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ ଜାତୀୟ ମତଦାତା ଦିବସ, ବାଲ୍ୟ ବିବାହ ମୁକ୍ତ ଭାରତ ଓ ଏଆଇ (କୃତ୍ରିମ ବୁଦ୍ଧିମତା) ଉପରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ର ଉପସ୍ଥିତ ରହି ଜନସାଧାରଣଙ୍କୁ ବାଲ୍ୟ ବିବାହ ମୁକ୍ତ ଭାରତ ଉପରେ ଉପଦେଶ ଦେଇଥିଲେ । ଏହା ସହିତ ବାଲ୍ୟ ବିବାହର ଭୟାବହତା ଓ ଏହା ଉପରେ ଥିବା ଆଇନ୍ ଗୁଡିକ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ସଚ୍ଚିଦାନନ୍ଦ ମିଶ୍ର, ଏବିଡିଓ ଅନିରୁଦ୍ଧ ବେହେରା, ସିଡିପିଓ ସୁଜାତା ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଇନଜୀବୀ ରମଣୀ ରଞ୍ଜନ ରାଉତ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

ଶିଶୁମାନଙ୍କୁ ଯୌନ ଶୋଷଣ ଅପରାଧରୁ ସୁରକ୍ଷା ପାଇଁ ପ୍ରଶିକ୍ଷଣ

ଯାଜପୁର, ନ୍ୟୁଜ୍ ବ୍ୟୁରୋ

ଯାଜପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ (ଡିସିପିଡ), ପୋଲିସ ପ୍ରଶାସନ ଓ ରୁଚିକା ସମାଜ ମଙ୍ଗଳ ସଂଗଠନ ମିଳିତ ସହ ଯୋଗରେ ଶିଶୁ ମାନଙ୍କୁ ଯୌନ ଶୋଷଣ ଅପରାଧରୁ ସୁରକ୍ଷା ସମ୍ପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଭିମୁଖୀକରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ମାଝି, ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରତାପ ରାୟ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସାହୁ, ଶିଶୁ ମଙ୍ଗଳ କମିଟିର ଅଧକ୍ଷା ରେକସୋନା ଜେନା, କିଶୋର ନ୍ୟାୟ ବୋର୍ଡର ସଦସ୍ୟା ପ୍ରୀତିଲତା ସାମନ୍ତରାୟ ସମ୍ମାନୀୟ ଅତିଥି ରୂପେ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ, ରୋଜାଲିନ୍ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ତାଙ୍କ ବକ୍ତବ୍ୟରେ କହିଥିଲେ କି ଆଇନ୍‌ର ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି ଓ ଅଂଶୀଦାର ସମୂହ ସେମାନଙ୍କର ଦାୟିତ୍ୱ ବୁଝିବାକୁ ହେବ । ଏଥିସହ ଆନ୍ତ ବିଭାଗ ସମନ୍ୱୟର ଆବଶ୍ୟକତା ରହିଛି । ପିଲାମାନଙ୍କ ପାଇଁ ଶିକ୍ଷା ଜରୁରୀ ଅଟେ । ବିଷୟ ବିଶାରଦ ରୂପେ ଅବସର ପ୍ରାପ୍ତ ଜିଲ୍ଲା ଜଜ୍ ଗୟାଧର ପଣ୍ଡା ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂଯୋଗ ନିର୍ଦ୍ଦେଶକ ପ୍ରଶାନ୍ତ ପାଲଟାସିଂହ ଯୋଗଦେଇ ଆଇନ୍‌ର ବିଭିନ୍ନ ଦିଗ ଓ ପିଲାମାନଙ୍କ ଥଇଥାନ ଉପରେ ଆଲୋକପାତ କରିଥିଲେ । ଆଲୋଚନାରେ ଡକ୍ଟର ବେଣୁଧର ସେନାପତି, ରଚିକା ସମାଜ ମଙ୍ଗଳ ସଂଗଠନ ଅଧିକାରୀ ଓ ରେକ୍ସୋନା ଜେନା ଶିଶୁ ମାନଙ୍କ ମାନସିକତାକୁ ସଠିକ୍ ଭାବେ ବୁଝି କାର୍ଯ୍ୟ କରିପାରିଲେ ଶିଶୁମାନଙ୍କୁ ନ୍ୟାୟ ଦେଇପାରିବା ବୋଲି ପରାମର୍ଶ ଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅଧିକାରୀ ତପନ କୁମାର ପାତ୍ର, କାଳୀପ୍ରସାଦ ସାହୁ ଓ ରୁଚିକା ସଂଗଠନର ମନୋରଞ୍ଜନ ସାହୁ, ସସ୍ମିତା ସାହୁ ଓ ତପନ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ରୁଚିକାର ସମ୍ପାଦକ ଉମାଶଙ୍କର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

ସାମନ୍ତରାପୁର ଧାନମଣ୍ଡି ଉଦ୍‌ଘାଟିତ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସାମନ୍ତରାପୁର ପଞ୍ଚାୟତରେ ଥିବା ସାମନ୍ତରାପୁର ଧାନ ମଣ୍ଡି ସଭାପତି ସୂର୍ଯ୍ୟ ନାରାୟଣ ବେହେରାଙ୍କ ଅଧକ୍ଷତାରେ ଉଦ୍‌ଘାଟନ ହୋଇଯାଇଛି । ଏଥିରେ ନୋଡାଲ୍ ଅଫିସର ଲକ୍ଷ୍ମୀଧର ଦାସ, ସହ ସମ୍ପାଦକ ଆଶୁତୋଷ ମହାପାତ୍ର, ସମିତି ନିର୍ଦ୍ଦେଶକ ନିର୍ମଳ ଚନ୍ଦ୍ର ନାୟକ, ଗଗନ ବିହାରୀ ମହାନ୍ତି, କେଦାର ସ୍ୱାଇଁ, ଅରୁଣ ସ୍ୱାଇଁ, ସନ୍ତୋଷ ମଲ୍ଲିକ, ପ୍ରଫୁଲ୍ଲ ଦାସ, ନିରଞ୍ଜନ ସ୍ୱାଇଁ, ପୂର୍ବତନ ସୋସାଇଟି ସଭାପତି ସୁରେନ୍ଦ୍ର ସାମଲ, ନାରାୟଣ ସ୍ୱାଇଁ, ନାରାୟଣ ଜେନା ପ୍ରମୁଖ ଚାଷୀ ଓ ନିର୍ଦ୍ଦେଶକ ମାନେ ଉପସ୍ଥିତ ରହିଥିଲେ ।

ସୁପ୍ରିୟା ମାର୍ଗରେ ଜଗନ୍ନାଥ ମନ୍ଦିର ଭୂମିପୂଜନ ଉତ୍ସବ

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ଶ୍ରୀପଞ୍ଚମୀ ସରସ୍ୱତୀ ପୂଜା ଅବସରରେ ବରଗଡ଼ ୱାର୍ଡ ନଂ ୦୧ରେ ଅବସ୍ଥିତ ସୁପ୍ରିୟା ମାର୍ଗ – ଦୀନବନ୍ଧୁ ନଗର ଠାରେ ଏକ ଜଗନ୍ନାଥ ମନ୍ଦିର ପାଇଁ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଭୂମି ଦାନ କରିଥିବା ବ୍ୟକ୍ତି ନିଜର ନାମକୁ ଗୋପନ ରଖିଥିବା ବେଳେ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଆନୁଷ୍ଠାନିକ ଭାବେ ଭୂମି ପୂଜନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିକ୍ରମ ମିଶ୍ର, କେଦାର ମିଶ୍ର, ବବିତା ପ୍ରଧାନ, ପଦ୍ମିନୀ ବେହେରା, ଲୁସି ମହାପାତ୍ର, ଚିତ୍ତରଞ୍ଜନ ମିଶ୍ର, ସମାଜସେବୀ ସଂଘମିତ୍ରା ପଟେଲ, ବିକାଶ ପାଣିଗ୍ରାହୀ, କୃଷ୍ଣ ପଟ୍ଟନାୟକ, ପ୍ରଦୀପ ସାହୁ, ମଣ୍ଟୁ ଗଡତିଆ, କିଶୋର ଦାଶ, ଲିଙ୍ଗରାଜ ଦାଶ, ପୂର୍ଣ୍ଣ ମହାପାତ୍ର, ଦେବୀ ପଟ୍ଟନାୟକ, ତୁଳସୀ ଚରଣ ଦାଶ ଆଦି ସହଯୋଗ କରିଥିଲେ । କର୍ତ୍ତା ଭାବେ ସୌମ୍ୟରଞ୍ଜନ ଦେବତା ଓ ଦୀପଶିଖା ଧଳ କର୍ତ୍ତା– କର୍ତ୍ତ୍ରୀ ଭାବେ ପୂଜା କାର୍ଯ୍ୟ

ସମାହିତ କରିଥିଲେ । ପଣ୍ଡିତ କୁଳମଣୀ ମହାପାତ୍ର ଓ ପଣ୍ଡିତ ଅସିନ କୁମାର ମହାପାତ୍ର ପୂଜା କାର୍ଯ୍ୟ ତୁଲାଇଥିଲେ । ଏଥିରେ ନିର୍ମଳ କିଶୋର କର, ବିମଳ କିଶୋର କର ତଥା ପଡ଼ାର ସମସ୍ତ ଭକ୍ତମାନେ ଯୋଗଦେଇଥିଲେ ।

ହୃଦ୍‌ଘାତରେ ପ୍ରଧାନ ଶିକ୍ଷକଙ୍କ ପରଲୋକ

ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅଧିନସ୍ଥ ଗୋବରଘଟା ଗ୍ରାମପଞ୍ଚାୟତର ହାଟପଦାର ମିଳବାଡିରେ ବସତି ସ୍ଥାପନ କରିଥିବା ରଣଜିତ ସିଂଙ୍କ ପୁତ୍ର ଉମେଶ ଚନ୍ଦ୍ର ସିଂ (୫୪) ରାତି ସ୍କୁଲ୍‌ରେ ମା' ସରସ୍ୱତୀଙ୍କ ପୂଜା ପାଇଁ ପିଲାମାନଙ୍କୁ ନେଇ ସାଜସଜ୍ଜା କରି ଘରକୁ ଫେରିଥିଲେ । ସେ ଆଗରୁ ଡାଇବେଟିସ୍ ରୋଗରେ ଆକ୍ରାନ୍ତ ହୋଇଥିଲେ । ଶୋଇବା ସମୟରେ ହଠାତ୍ ଦେହ ଅସୁସ୍ଥ ଅନୁଭବ କରିଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ପାଖରେ ଥିବା ଜିକେ ଭଟ୍ଟର ହସ୍ପିଟାଲକୁ ନେଇଯାଇଥିଲେ । ସେଠାରେ ଅତ୍ୟନ୍ତ ଗୁରୁତ୍ୱର ହେବାରୁ ବାଲେଶ୍ୱର ମୁଖ୍ୟ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଉଥିଲା । ସକାଳ ୬ଟା ୨୦ମିନିଟ୍ ସମୟରେ ଡଃ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ମୃତ ଉମେଶ ଚନ୍ଦ୍ର ସିଂ ଗୋବରଘଟା ମା' ମଙ୍ଗଳା ବୁଢି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଶିକ୍ଷକ ଭାବେ ଅବସ୍ଥାପିତ ଥିଲେ । ତାଙ୍କର ମୃତ୍ୟୁ ଖବର ପାଇବା ପରେ ଶିକ୍ଷା ବିଭାଗର ଅଧିକାରୀ ତଥା ଶିକ୍ଷକ, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ମର୍ମାହତ ହୋଇଯାଇଛନ୍ତି । ମୃତ ଉମେଶ ସାର୍ ଜଣେ ସରଳ ନମ୍ର, ମିଷ୍ଟଭାଷୀ ଥିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ସଠିକ୍ ମାର୍ଗରେ ଚାଲିବା ପାଇଁ ସଦା ସର୍ବଦା ଉପଦେଶ ଦେଉଥାନ୍ତି । ଶ୍ରୀ ସିଂ କହନ୍ତି ପ୍ରଥମ ପିତାମାତା ହେଲେ ଆଦ୍ୟ ଦେବତା ମାନିବା ଦରକାର । ସଂସ୍କାରୀ ହେବା ଗୁରୁଜନ ବଡ଼ ମାନଙ୍କୁ ସମ୍ମାନ ଜଣାଇବା ଆମ୍ଭମାନଙ୍କର କର୍ତ୍ତବ୍ୟ ବୋଲି ଛାତଛାତ୍ରୀ ମାନଙ୍କୁ ଉପଦେଶ ଦେଉଥାନ୍ତି । ତାଙ୍କର ଏକ ମାତ୍ର ପୁତ୍ର ଅବିନାଶ ସିଂ ଝିଅ ବିବାହିତ । ତାଙ୍କର ମର ଶରୀରରକୁ ଗ୍ରାମରୁ ବାହାରି ସ୍କୁଲ୍ ପରିଦର୍ଶନ କରିବା ସମୟରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ପୁଷ୍ପ ଦେଇ ସମ୍ମାନ ଜଣାଇବା ସହିତ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହିତ ସୁବର୍ଣ୍ଣରେଖା ନଦୀ ପୀଠକୁ ନେଇଯାଇଥିଲେ ଓ ଶେଷ କୃତ୍ୟ ସଂପନ୍ନ କରିଥିଲେ । ଉପସ୍ଥିତ ଗଣେଶ ଦଳାଇ, ବିଶ୍ୱଜିତ ପାଳ, ସରପଞ୍ଚଙ୍କ ପ୍ରତିନିଧି ତଥା ସମାଜସେବୀ ଚନ୍ଦନ କର, ଗୌରାଙ୍ଗ ପାଳ, ଆରତୀ ପାତ୍ର, ବଳରାମ ପାଳ, ନଥୁରାମ ହେମ୍ବ୍ରମ, ନିଶିକାନ୍ତ ସିଂ, ଗୌରଙ୍ଗ ସିଂ, କାଳିଆ ସିଂ, ରାଜୁ ସିଂ, ରତନ ସିଂ ଓ ଛାତ୍ରଛାତ୍ରୀ ଅଭିଭାବକ ଗ୍ରାମବାସୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ତାଙ୍କ ଆତ୍ମାର ସଦ୍‌ଗତି କାମନା ପ୍ରଭୁ ଜଗନ୍ନାଥଙ୍କୁ ଜଣାଇଥିଲେ ।

ଏଫ୍‌ଏମ୍‌ୟୁରେ ଅନ୍ତର୍ଜାତୀୟ କ୍ଷମତା ବିକାଶ କାର୍ଯ୍ୟକ୍ରମ

ବାଲେଶ୍ୱର, ନ୍ୟୁଜ୍

ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରୟୋଗାତ୍ମକ ମନୋବିଜ୍ଞାନ ବିଭାଗ ଦ୍ୱାରା ଫରେନ୍ସିକ୍ ମନୋବିଜ୍ଞାନ ଏବଂ ସମ୍ପର୍କିତ କ୍ଷେତ୍ର ଉପରେ କେନ୍ଦ୍ରିତ ଏକ ଦୁଇଦିନିଆ ଆନ୍ତର୍ଜାତୀୟ କ୍ଷମତା ବିକାଶ ଓ ଶାକ୍ଷରିକ ସମୃଦ୍ଧି କାର୍ଯ୍ୟକ୍ରମ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀ, ଗବେଷକ ଓ ଶିକ୍ଷକମାନଙ୍କ ମଧ୍ୟରେ ଶାକ୍ଷରିକ ଜ୍ଞାନ, ବୃତ୍ତିଗତ କୌଶଳ ଓ ଆନ୍ତର୍ଜାତୀୟ ଅନୁଭବକୁ ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା । ଭାରତ ଓ ବିଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନରୁ ମୋଟ୍ ୭୯ ଜଣ ଛାତ୍ରଛାତ୍ରୀ, ଗବେଷକ ଓ ଅନୁସନ୍ଧାନମୂଳକ–କାର୍ଯ୍ୟରତ ବିଶେଷଜ୍ଞ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରି ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି କ୍ଷମତା ବିକାଶ ଓ ଆନ୍ତର୍ଜାତୀୟ ଶାକ୍ଷରିକ ସହଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଡକ୍

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ଜାନୁଆରୀ, ରବିବାର, ୨୦୨୬
ପୃଷ୍ଠା – ୬

ଆଇପିଏଲ ୨୦୨୬ ପାଇଁ ଅଭ୍ୟାସ ଆରମ୍ଭ କଲେ ଧୋନି

ନୂଆଦିଲ୍ଲୀ

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ ୨୦୨୬)ର ଆଗାମୀ ସଂସ୍କରଣ ପାଇଁ ଭାରତ ଏବଂ ଚେନ୍ନାଇ ସୁପର କିଙ୍ଗ୍ସ ଷ୍ଟାର ଏମ୍ଏସ୍ ଧୋନି ଅଭ୍ୟାସ ଆରମ୍ଭ କରିଛନ୍ତି । ଝାଡ଼ଖଣ୍ଡ ରାଜ୍ୟ କ୍ରିକେଟ ଆସୋସିଏସନ ଧୋନିଙ୍କ ପ୍ୟାଡ୍ ପିନ୍ଧିବା ଏବଂ ତା'ପରେ ତାଙ୍କ ବ୍ୟାଟ କଭରରୁ ବାହାର କରିବାର ଏକ ଭିଡିଓ ଶେୟାର କରିଛି । ଏହି ଭିଡିଓଟି ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି । ଝାଡ଼ଖଣ୍ଡ ରାଜ୍ୟ କ୍ରିକେଟ ଆସୋସିଏସନର ଅଫିସିଆଲ ସୋସିଆଲ ମିଡିଆ ପୃଷ୍ଠା ଏମଏସ ଧୋନିଙ୍କ ଅଭ୍ୟାସ କରିବାର ଏକ ଭିଡିଓ ଶେୟାର କରିଛି ଏବଂ ସୌରଭ ତିୱାରୀ ମଧ୍ୟ ତାଙ୍କ ସହିତ ଦେଖାଯାଉଛି । ପୂର୍ବତନ କ୍ରିକେଟର ସୌରଭ ତିୱାରୀ ବର୍ତ୍ତମାନ ଜେଏସସିଏର ସଚିବ । ସେ ଆଇପିଏଲରେ ଧୋନିଙ୍କ ସହିତ ଖେଳିଛନ୍ତି ।

ତାଙ୍କ ଅଧିନାୟକତ୍ୱରେ, ଏମ୍ଏସ୍ ଧୋନି ଚେନ୍ନାଇ ସୁପର କିଙ୍ଗ୍ସକୁ ପାଞ୍ଚଟି ଚାମ୍ପିଅନସିପ ଦେଇଛନ୍ତି । ସେ ଦୁଇଥର ଅଧିନାୟକତ୍ୱ ଛାଡ଼ିଥିଲେ କିନ୍ତୁ ବିଭିନ୍ନ କାରଣ ଯୋଗୁ ତାଙ୍କୁ ଫେରିବାକୁ ପଡ଼ିଲା । ବର୍ତ୍ତମାନ, ଋତୁରାଜ ଗାୟକ୍ୱାଡ ଅଧିନାୟକ । ଏଥର, ଦଳ ଟ୍ରେଡ୍ ମାଧ୍ୟମରେ ସଞ୍ଜୁ ସାମସନଙ୍କୁ ମଧ୍ୟ ନିଜ ଦଳରେ ସାମିଲ କରିଛି । ସଞ୍ଜୁଙ୍କୁ ଧୋନିଙ୍କ ଉତ୍ତରାଧିକାରୀ ଭାବରେ ବିବେଚନା କରାଯାଉଛି, ତେଣୁ ଏହା ଦେଖିବା ଆକର୍ଷଣୀୟ ହେବ ଯେ ଧୋନି ଜଣେ ପ୍ରଭାବଶାଳୀ ଖେଳାଳି ଭାବରେ ଖେଳିବେ କି ଆଇପିଏଲ ୨୦୨୬ରେ ୱିକେଟକିପିଂ କରିବେ କି ନାହିଁ ।

ଟି-୨୦ ବିଶ୍ୱକପ୍ : ବାଂଲାଦେଶ ବଦଳରେ ଖେଳିବ ସ୍କଟଲ୍ୟାଣ୍ଡ

ମୁମ୍ବାଇ

ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟିଛି । ଟି-୨୦ ବିଶ୍ୱକପରୁ ବାହାରିଲା ବାଂଲାଦେଶ । ଏହାପରେ ଏଥିରେ ସ୍କଟଲ୍ୟାଣ୍ଡ ପ୍ରବେଶ କରିଛି । ଗତ କିଛିଦିନ ହେବ ଭାରତରେ ହେବାକୁ ଥିବା ଟି-୨୦ ବିଶ୍ୱକପରେ ଖେଳିବାକୁ ନେଇ ମନା କରିଥିବା ବାଂଲାଦେଶକୁ ନେଇ ଏବେ ଆଇସିସି (ଅନ୍ତରାଷ୍ଟ୍ରୀୟ କ୍ରିକେଟ କାଉନସିଲ) ଅଫିସିଆଲ ଘୋଷଣା କରିଦେଇଛି । ଆଇସିସିର ଘୋଷଣା ଅନୁସାରେ ଏହି ମେଗା ଇଭେଣ୍ଟରେ ଏବେ ବାଂଲାଦେଶର ସ୍ଥାନ ନେବ ସ୍କଟଲ୍ୟାଣ୍ଡ । ଏହି ଘୋଷଣା ପରେ ଏବେ ଟି-୨୦ ବିଶ୍ୱକପରୁ ବାଦ୍ ପଡ଼ିଛି ବାଂଲାଦେଶ ।

ସୂଚନା ମୁତାବକ , ୭ ଫେବୃୟାରୀରୁ ହେବାକୁ ଥିବା ଟି-୨୦ ବିଶ୍ୱକପରେ ସ୍କଟଲ୍ୟାଣ୍ଡ ଭାଗ ନେବ । ଏହା ଭାରତ ଏବଂ ଶ୍ରୀଲଙ୍କାରେ ଆୟୋଜିତ ହେବ । ଏହି ନିଷ୍ପତ୍ତି ପ୍ରାୟ ସୁନିଶ୍ଚିତ ଅଟେ । ବିଶେଷ କରି ଅନ୍ତରାଷ୍ଟ୍ରୀୟ କ୍ରିକେଟ ପରିଷଦ (ଆଇସିସି) କିଛି ଦିନ ପୂର୍ବରୁ ବାଂଲାଦେଶ କ୍ରିକେଟ ବୋର୍ଡ଼(ବିସିବି)କୁ ୨୪ଘଣ୍ଟାର ସମୟ ଦେଇଥିଲା । ଶନିବାର ଶେଷରେ ଏଭଳି ଶକ୍ତ ପଦକ୍ଷେପ ନେଇଛି ଆଇସିସି ।

ବାଂଲାଦେଶ ଦ୍ୱାରା ଶୁକ୍ରବାର କରାଯାଇଥିବା ପ୍ରେସ୍ କନଫରେନ୍ସ ଏବଂ ଆଇସିସିକୁ ନେଇ ବ୍ୟବହାର କରାଯାଇଥିବା କଡ଼ା ଭାଷା ପରେ ହିଁ ସ୍ପଷ୍ଟ ହୋଇଛି କି ବ୍ରିଟିଶ ଦ୍ୱିପସମୂହର ଉତ୍ତର-ପଶ୍ଚିମ ୟୁରୋପୀୟ ଦେଶ ସ୍କଟଲ୍ୟାଣ୍ଡକୁ ବାଂଲାଦେଶର ସ୍ଥାନ ମିଳିବା ସ୍ପଷ୍ଟ ହୋଇପଡ଼ିଛି । ଏହାପରେ ଏହି କଥା ସାମ୍ନାକୁ ଆସିଛି କି ଆଇସିସିର ସିଇଓ ସଂଯୋଗ ଗୁପ୍ତା ଔପଚାରିକ ରୂପରେ ଆଇସିସି ବୋର୍ଡ଼କୁ ଚିଠି ଲେଖି କହିଛନ୍ତି କି ବାଂଲାଦେଶର ଦାବି ଆଇସିସିର ନୀତି ବିରୁଦ୍ଧ ଅଟେ । ଆଇସିସି ବାଂଲାଦେଶକୁ ଭାରତରେ ଖେଳିବାକୁ ନେଇ ନିଜ ବିଚାର ଉପରେ ପୁନର୍ବିଚାର କରିବା ଲାଗି ପର୍ଯ୍ୟାପ୍ତ ସମୟ ଦେଇଥିଲା ।

ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ଘୋଷଣା ହେଲା ଭାରତୀୟ ମହିଳା ଦଳ

ନୂଆଦିଲ୍ଲୀ

କିଛିଦିନ ପାଇଁ ଭାରତୀୟ ପୁରୁଷ ଦଳ ଟେଷ୍ଟ କ୍ରିକେଟଠାରୁ ଦୂରେଇ ରହିବ । ଏବେ ନ୍ୟୁଜିଲାଣ୍ଡ ବିପକ୍ଷରେ ଟି-୨୦ ସିରିଜ୍ ଖେଳୁଥିବାବେଳେ ପରେ ପରେ ଟି-୨୦ ବିଶ୍ୱକପ ଏବଂ ଆଇପିଏଲ ଖେଳିବେ । ସେପଟେ କିନ୍ତୁ ମହିଳା ଦଳ ଅଷ୍ଟ୍ରେଲିଆ ଗସ୍ତରେ ଯିବ । ଗୋଟିଏ ଟେଷ୍ଟ ମ୍ୟାଚ୍ ଖେଳାଯିବାକୁ ଥିବାବେଳେ ଦଳ ଘୋଷଣା କରାଯାଇଛି । ୨୦୨୫ ବିଶ୍ୱକପ ସମୟରେ ଆହତ ରହିଥିବା ଷ୍ଟାର କ୍ରିକେଟର ପ୍ରତିକା ଦଳକୁ ଫେରିଛନ୍ତି । ଦୀର୍ଘଦିନ ଆହତ ହୋଇ ଦଳରୁ ବାହାରେ ରହିଥିଲେ । ଏବେ ସେ ଦଳରେ ସ୍ଥାନ ପାଇଛନ୍ତି । ଭାରତୀୟ ମହିଳା ଦଳ ଫେବୃୟାରୀ-ମାର୍ଚ୍ଚରେ ଅଷ୍ଟ୍ରେଲିଆ ଗସ୍ତ କରିବ । ଦ୍ୱିପାକ୍ଷିକ ସିରିଜ୍ ଖେଳାଯିବାକୁ ଯାଉଛି । ଦିନିକିଆ, ଟି-୨୦ ପରେ ଗୋଟିଏ ଟେଷ୍ଟ ମ୍ୟାଚ୍ ଖେଳାଯିବ । ପର୍ଥରେ ଏହି ମ୍ୟାଚ୍ ଖେଳାଯିବ । ତେବେ ହରମନପ୍ରୀତ କୌର ପୁଣି ଥରେ ଦଳର ନେତୃତ୍ୱ ନେବେ । ସ୍ମୃତି ମନ୍ଧାନା ଦଳର ଉପ-ଅଧିନାୟିକା ପଦ ସମ୍ଭାଳିବେ । ବିସ୍ଫୋରକ ଶେଫାଲି ବର୍ମା ଏହି ସିରିଜ୍‌ରେ ମଧ୍ୟ ନିଜର ସ୍ଥାନ ପକ୍କା କରିଛନ୍ତି । ପ୍ରତୀକାଙ୍କ ବ୍ୟତୀତ, ଅନ୍ୟ ତିନି ଜଣ ଯୁବ ଖେଳାଳି ଅନ୍ତର୍ଜାତୀୟ ଏବଂ ଘରୋଇ କ୍ରିକେଟରେ ନିରନ୍ତର ଭଲ ପ୍ରଦର୍ଶନ କରି ପ୍ରଥମଥର ଟେଷ୍ଟ ଦଳରେ ସ୍ଥାନ ପାଇଛନ୍ତି । ଏମାନଙ୍କ ମଧ୍ୟରେ ଅଛନ୍ତି ଯୁବ ଅଲରାଉଣ୍ଡର ଅମନଜୋତ କୌର ଏବଂ ଯୁବ ପେସର କ୍ରାନ୍ତି ଗୌଡ଼ ।

ଭାରତୀୟ ଟେଷ୍ଟ ଦଳ : ହରମନପ୍ରୀତ କୌର (ଅଧିନାୟକ), ସ୍ମୃତି ଶର୍ମା, ଶେଫାଲି ବର୍ମା, ଜେମିମା, ଅମାନଜୋଟ କୌର, ରିଚା ଘୋଷ (ୱିକେଟ୍ କିପର), ଉମା ଛତ୍ରୀ (ୱିକେଟ୍ କିପର), ପ୍ରତୀକା ରାୱଲ, ହର୍ଲିନ ଦେଓଲ୍, ଦୀପ୍ତି ଶର୍ମା, ରେନୁକା ସିଂ, ସ୍ନେହୀ ରାଣା, କ୍ରାନ୍ତି ଗୌଡ଼ା, ବୈଷ୍ଣବୀ ଶର୍ମା, ସୟାଳୀ ସତଘରେ ।

ନିଜ ଦେଶର କ୍ରିକେଟ ବୋର୍ଡକୁ ପରାମର୍ଶ ଦେଲେ ବାଂଲାଦେଶ ଅଧିନାୟକ

ଢାକା

ବାଂଲାଦେଶ ଟେଷ୍ଟ ଅଧିନାୟକ ନାଜମୁଲ ହୋସେନ ଶାଣ୍ଟୋ ବାଂଲାଦେଶ କ୍ରିକେଟ ବୋର୍ଡକୁ ଏକ ଗୁରୁତ୍ୱପୂର୍ଣ୍ଣ ଚେତାବନୀ ଦେଇଛନ୍ତି । ବାଂଲାଦେଶ ଟି-୨୦ ବିଶ୍ୱକପରେ ଅଂଶଗ୍ରହଣ ନକରିବାକୁ ନିଷ୍ପତ୍ତି ଘୋଷଣା କରିବା ପରେ ଏହି ବିବୃତି ଆସିଛି । ଶାଣ୍ଟୋ କହିଛନ୍ତି ଯେ ଗତ କିମ୍ବା ଦୁଇ ବର୍ଷ ମଧ୍ୟରେ ପଢ଼ିଆ ବାହାରେ ପରିବେଶ କ୍ରିକେଟକୁ ଗୁରୁତର ଭାବରେ କ୍ଷତି ପହଞ୍ଚାଇଛି ।

ବାଂଲାଦେଶ ପ୍ରିମିୟର ଲିଗ୍ (ବିସିବି) ମ୍ୟାଚ୍ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଶାଣ୍ଟୋ କହିଛନ୍ତି, 'ଜଣେ ଖେଳାଳି ଭାବରେ, ଗତ କିମ୍ବା ଦୁଇ ବର୍ଷ ମଧ୍ୟରେ ପଢ଼ିଆ ବାହାରେ ପରିବେଶ କ୍ରିକେଟକୁ ଗୁରୁତର ଭାବରେ କ୍ଷତି ପହଞ୍ଚାଇଛି । ମୁଁ ଦାୟିତ୍ୱବାନ ପଦବୀରେ ଥିବା ଲୋକଙ୍କୁ ଏକାଠି ହେବାକୁ, ସମାଧାନ ଖୋଜିବାକୁ ଏବଂ କ୍ରିକେଟ ଜାରି ରହିବା ନିଶ୍ଚିତ କରିବାକୁ ନିବେଦନ କରୁଛି । ଉତ୍ତମ ଶାସନ ଏବଂ ସ୍ପଷ୍ଟ ଯୋଜନା ବିନା, ଅନିଶ୍ଚିତତା ବୃଦ୍ଧି ପାଇବ, ଯାହା ଖେଳାଳି ଏବଂ ଖେଳ ଉଭୟକୁ ପ୍ରଭାବିତ କରିବ ।'

ଶାଣ୍ଟୋ ଏହା ମଧ୍ୟ କହିଛନ୍ତି ଯେ ଯଦି ବାଂଲାଦେଶ ବିଶ୍ୱକପରେ ଅଂଶଗ୍ରହଣ କରିପାରିବ ନାହିଁ, ତେବେ ବିସିବି ଖେଳାଳି ଏବଂ ପ୍ରଶଂସକଙ୍କ ପାଇଁ ଏକ ଦୃଢ଼, ସୁସଂଗଠିତ ଘରୋଇ ପ୍ରତିଯୋଗିତା ଆୟୋଜନ କରିବା ଉଚିତ, ଯାହା ସ୍ଥିର ପ୍ରତିଯୋଗିତା ସୁନିଶ୍ଚିତ କରିବ । ସେ ଢାକା ସମେତ ଘରୋଇ କ୍ରିକେଟର ସଂଗଠନରେ ଉନ୍ନତି ପାଇଁ ଆହ୍ୱାନ କରିଥିଲେ, କହିଥିଲେ ଯେ ଟୁର୍ଣ୍ଣାମେଣ୍ଟ ପୂର୍ବ ସଂସ୍କରଣ ଅପେକ୍ଷା ଭଲ ଏବଂ ସୁଗମ ଭାବରେ ପରିଚାଳନା କରାଯିବା ଉଚିତ ।

ପଢ଼ିଆ ଏବଂ ପଢ଼ିଆ ବାହାରେ ସମସ୍ୟା ଗୁଡ଼ିକୁ ପୃଥକ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି, ଶାଣ୍ଟୋ ଚେତାବନୀ ଦେଇଥିଲେ ଯେ ପ୍ରଶାସନିକ ଦ୍ୱନ୍ଦ୍ୱ ବାଂଲାଦେଶ କ୍ରିକେଟର ପ୍ରଗତି, ପ୍ରତିଯୋଗିତା ଏବଂ ଭବିଷ୍ୟତକୁ କ୍ଷତି ପହଞ୍ଚାଇପାରେ । ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ତାଙ୍କର ଆବେଦନ କ୍ରିକେଟ ଜଗତର ସମାନ ଚିନ୍ତାକୁ ପ୍ରତିଫଳିତ କରେ, ଯାହା ଖେଳର ଗତି ବଜାୟ ରଖିବା ପାଇଁ ଦାୟିତ୍ୱବାନ ନେତୃତ୍ୱ ଦାବି କରୁଛି ।

ସୂଚନାଯୋଗ୍ୟ, ବାଂଲାଦେଶ ଓଉଉକୁ ଏହାର ୨୦୨୬ ଟି୨୦ ବିଶ୍ୱକପ ମ୍ୟାଚ୍ ଭାରତରୁ ଶ୍ରୀଲଙ୍କାକୁ ସ୍ଥାନାନ୍ତର କରିବାକୁ ଅନୁରୋଧ କରିଥିଲା । କିନ୍ତୁ ଆଇସିସି ଏହି ଅନୁରୋଧକୁ ଗ୍ରହଣ କରିବାକୁ ମନା କରିଦେଇଥିଲା ଏବଂ ପରବର୍ତ୍ତୀ ସମୟରେ ବାଂଲାଦେଶ ସରକାର ବିଶ୍ୱ ସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ମନା କରିଦେଇଥିଲା । ବର୍ତ୍ତମାନ, ଆଇସିସି ବାଂଲାଦେଶର ବଦଳ ଘୋଷଣା କରିଛି, ଯେଉଁଥିରେ ଟି୨୦ ବିଶ୍ୱକପରେ ସ୍କଟଲାଣ୍ଡକୁ ସାମିଲ କରାଯାଇଛି ।

ବିବେକାନନ୍ଦ ୟୁଥ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ଦ୍ୱିତୀୟ ସେମିଫାଇନାଲରେ ପାଇକତିଗିରିଆ ବିଜୟୀ

ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ

ଖୋର୍ଦ୍ଧା ଉପକଣ୍ଠ କାଠଖୁଣ୍ଟିଆ ଫୁଟବଲ ପଡ଼ିଆଠାରେ ୨୬ତମ କାଠଖୁଣ୍ଟିଆ ବିବେକାନନ୍ଦ ୟୁଥ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାଲିଛି । ଦ୍ୱିତୀୟ ସେମିଫାଇନାଲ ପାଇକତିଗିରିଆ ଏବଂ ଗଡ଼ମାଣତ୍ରୀ ମଧ୍ୟରେ ଖେଳାଯାଇଥିଲା । ପ୍ରଥମାର୍ଦ୍ଧରେ ଉଭୟ ଦଳ ୧-୧ ଗୋଲ ମାରି ଖେଳ ଅମିମାଂସିତ ରଖିଥିଲା ବେଳେ ଦ୍ୱିତୀୟାର୍ଦ୍ଧରେ ପାଇକତିଗିରିଆ ଦଳ ଆଉ ଏକ ଗୋଲମାରି ଫାଇନାଲରେ ପ୍ରବେଶକୁ ସୁନିଶ୍ଚିତ କରି ବିଜୟୀ ହୋଇଛି । ଏହି ଖେଳକୁ ମୁଖ୍ୟ ରେଫେରି ଭାବେ ସଗିର ଅହମଦ ପରିଚାଳନା କରୁଥିବା ବେଳେ ତାଙ୍କୁ ଲାଇନରେ ଶୌକତ ଅହମଦ ଏବଂ ଅମଜାଦ ଖାଁ ସାହାଯ୍ୟ କରିଥିଲେ । ଚତୁର୍ଥ ରେଫେରି ଭାବେ ଦାଶରଥୀ ଖୁଣ୍ଟିଆ ଦାୟିତ୍ୱ ତୁଲାଇଥିଲେ । ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ କେରଙ୍ଗର ପୂର୍ବତନ ଖେଳାଳି ମୋଜଫର ଅହମଦ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସେକ ରଶିଦ ଯୋଗ ଦେଇଥିଲେ ।

ରବିବାର ଫାଇନାଲ ପାଇକତିଗିରିଆ ଏବଂ ଭାଲିଆବାଡ଼ି ମଧ୍ୟରେ ଖେଳାଯିବ ବୋଲି ଟୁର୍ଣ୍ଣାମେଣ୍ଟ କମିଟି ତରଫରୁ ସୂଚନା ଦିଆଯାଇଛି ।

ଟି-୨୦ ବିଶ୍ୱକପ୍ ୨୦୨୬ : ସ୍କଟଲାଣ୍ଡର ପ୍ରବେଶ ପରେ ବଦଳିଗଲା ସେଡ୍ୟୁଲ

ନୂଆଦିଲ୍ଲୀ

ବାଂଲାଦେଶକୁ ଇଂଲଣ୍ଡ, ୱେଷ୍ଟଇଣ୍ଡିଜ, ନେପାଳ ଏବଂ ଇଟାଲୀ ସହିତ ଗ୍ରୁପ ସିରେ ସ୍ଥାନିତ କରାଯାଇଥିଲା । ସ୍କଟଲାଣ୍ଡ ବର୍ତ୍ତମାନ ଏହି ଗୋଷ୍ଠୀରେ ବାଂଲାଦେଶକୁ ବଦଳାଇଛି । ସେମାନଙ୍କର ପ୍ରଥମ ମ୍ୟାଚ ଫେବୃଆରୀ ୭ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ହେବ, ଯେତେବେଳେ ଫେବୃଆରୀ ୯ ରେ ସେମାନେ ଇଟାଲୀକୁ ଭେଟିବେ, ଯାହା ଏହାର ପ୍ରଥମ ଟି୨୦ ବିଶ୍ୱକପ ଖେଳୁଛି । ସ୍କଟଲାଣ୍ଡର ତୃତୀୟ ମ୍ୟାଚ ଫେବୃଆରୀ ୧୪ରେ ଇଂଲଣ୍ଡ ବିପକ୍ଷରେ ହେବ ଏବଂ ସେମାନଙ୍କର ଶେଷ ଗ୍ରୁପ ପର୍ଯ୍ୟାୟ ମ୍ୟାଚ ଫେବୃଆରୀ ୧୭ରେ ନେପାଳ ବିପକ୍ଷରେ ହେବ । ସ୍କଟଲାଣ୍ଡ ବନାମ ୱେଷ୍ଟଇଣ୍ଡିଜ – ଫେବୃଆରୀ ୭ (ଅପରାହ୍ନ ୩ଟା) । ସ୍କଟଲାଣ୍ଡ ବନାମ ଇଟାଲୀ – ଫେବୃଆରୀ ୯ (ସକାଳ ୧୧ଟା) । ସ୍କଟଲାଣ୍ଡ ବନାମ ଇଂଲଣ୍ଡ – ଫେବୃଆରୀ ୧୪ (ଅପରାହ୍ନ ୩ଟା) । ସ୍କଟଲାଣ୍ଡ ବନାମ ନେପାଳ – ଫେବୃଆରୀ ୧୭ (ସା ୭ଟା) ।

ବାଂଲାଦେଶର ମ୍ୟାଚ ମଧ୍ୟ କୋଲକାତା ଏବଂ ମୁମ୍ବାଇରେ ଖେଳାଯିବାକୁ ସ୍ଥିର ହୋଇଥିଲା, ତେଣୁ ସ୍କଟଲାଣ୍ଡର ମ୍ୟାଚ ମଧ୍ୟ ସମାନ ସ୍ଥାନରେ ଖେଳାଯିବ । ଗ୍ରୁପ ପର୍ଯ୍ୟାୟରେ ସ୍କଟଲାଣ୍ଡର ପ୍ରଥମ ତିନୋଟି ମ୍ୟାଚ୍ କୋଲକାତାରେ ଖେଳାଯିବ, ଏବଂ ଫେବୃଆରୀ ୧୭ ମ୍ୟାଚ ମୁମ୍ବାଇରେ ଖେଳାଯିବ । ୨୦୨୬ ଟି୨୦ ବିଶ୍ୱକପ ଫେବୃଆରୀ ୭ରେ ଆରମ୍ଭ ହେବ । ଉଦଘାଟନୀ ଦିନରେ ତିନୋଟି ବ୍ଲକବଷ୍ଟର ମ୍ୟାଚ ଖେଳାଯିବ, ଫେବୃଆରୀ ୭ରେ ପାକିସ୍ତାନ ବନାମ ନେଦରଲ୍ୟାଣ୍ଡ, ସ୍କଟଲାଣ୍ଡ ବନାମ ୱେଷ୍ଟଇଣ୍ଡିଜ ଏବଂ ଭାରତ ବନାମ ଆମେରିକା ଖେଳାଯିବ ।

ଭାରତ ଏବଂ ପାକିସ୍ତାନକୁ ଗ୍ରୁପ ଏରେ ରଖାଯାଇଛି, ଯେଉଁଥିରେ ଆମେରିକା, ନାମିବିଆ ଏବଂ ନେଦରଲ୍ୟାଣ୍ଡ ମଧ୍ୟ ସାମିଲ ଅଛନ୍ତି । ଭାରତ ଏବଂ ପାକିସ୍ତାନ ଫେବୃଆରୀ ୧୫ରେ କଲମ୍ବୋର ଆର. ପ୍ରେମଦାସା ଷ୍ଟାଡିୟମରେ ପରସ୍ପରକୁ ଭେଟିବେ । ପଡିଆ ବାହାରେ ଚାଲିଥିବା ଉତ୍ତେଜନା ମଧ୍ୟରେ, ସମଗ୍ର କ୍ରିକେଟ ଜଗତ ଭାରତ-ପାକିସ୍ତାନ ମ୍ୟାଚ୍ ଉପରେ ନଜର ରଖିବ ।

ଚତୁର୍ଥ ବାଜି ରାଉତ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ସମାରୋହ

ଖେଳରେ କେହି ହାରନ୍ତି ନାହିଁ; ଜଣେ ଜିତେ, ଅନ୍ୟଜଣେ ଶିଖେ : ଧର୍ମେନ୍ଦ୍ର

ସମ୍ବଲପୁର/ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଖେଳରେ କେହି ହାରନ୍ତି ନାହିଁ; ଜଣେ ଜିତେ, ନଚେତ୍ ଅନ୍ୟଜଣେ ଶିଖେ । ଏହି ମନ୍ତ୍ରକୁ ଆଧାର କରି ଆଜିର ଯୁବ ଖେଳାଳିମାନେ ଆଗକୁ ବଢ଼ିବା ଉଚିତ୍ ବୋଲି ଶନିବାର ସମ୍ବଲପୁରର ୪ସି ପଡ଼ିଆରେ ଆୟୋଜିତ 'ଚତୁର୍ଥ ବାଜି ରାଉତ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ୨୦୨୫-୨୬'ର ଉଦ୍‌ଯାପନୀ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ।

ଏହି ଅବସରରେ ସେ କହିଛନ୍ତି ଯେ, ଆମ ଦେଶର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଅତୁଳନୀୟ ବଳିଦାନକୁ ସ୍ମରଣ କରି 'ଆମେ ଓଡ଼ିଆ' ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କ୍ରୀଡ଼ା ମହାକୁମ୍ଭ ପ୍ରକୃତରେ ସ୍ୱାଗତଯୋଗ୍ୟ । ତୃଣମୂଳ ସ୍ତରର କ୍ରୀଡ଼ା ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ ଏହି ଆୟୋଜନ ଗତ ୪ ବର୍ଷ ଧରି ସମ୍ବଲପୁର, ଢେଙ୍କାନାଳ, ଅନୁଗୋଳ ଓ ଦେବଗଡ଼ ଜିଲ୍ଲାରେ ଏକ ପ୍ରଶଂସନୀୟ ଭୂମିକା ଗ୍ରହଣ କରିଛି । ସେ ଆହୁରି କହିଛନ୍ତି ଯେ ସମ୍ବଲପୁର ସଦାସର୍ବଦା ଖେଳର ଏକ ପ୍ରମୁଖ ପେଣ୍ଠସ୍ଥଳି ହୋଇ ରହିଛି । କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ନିକଟରେ ଓଡ଼ିଶା ସରକାର ସମ୍ବଲପୁର ସମେତ ଢେଙ୍କାନାଳ, ବ୍ରହ୍ମପୁର ଓ ଜୟପୁରରେ ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି ।

ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ କଳ୍ପନାରେ ସମ୍ବଲପୁରକୁ ଆଥଲେଟିକ୍ସ ସମେତ ଅନ୍ୟାନ୍ୟ ଖେଳ ପାଇଁ ଏକ ବଡ଼ 'ହବ୍' ଭାବେ ଗଢ଼ିତୋଳିବା ଏବଂ ସହରର ବିଭିନ୍ନ ସ୍ଥାନରେ ଅଧିକରୁ ଅଧିକ ଷ୍ଟାଡିୟମ ନିର୍ମାଣ କରିବା ଆମର ଲକ୍ଷ୍ୟ । ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ ଆଗାମୀ ଦିନରେ ସମ୍ବଲପୁରର ଖେଳାଳିମାନେ ମଧ୍ୟ ଦେଶ ପାଇଁ ମେଡାଲ ଆଣି ଓଡ଼ିଶାକୁ ଗର୍ବିତ କରିବେ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି ।

ସୂଚନାଯୋଗ୍ୟ, ଚଳିତ ବର୍ଷର ଏହି ଟୁର୍ଣ୍ଣାମେଣ୍ଟ ଗତ ଜାନୁଆରୀ ୧୨ ତାରିଖରେ ଢେଙ୍କାନାଳର କାମାକ୍ଷାନଗରରୁ ଶୁଭାରମ୍ଭ ହୋଇ ଢେଙ୍କାନାଳ, ଅନୁଗୋଳ, ଦେବଗଡ଼ ଓ ସମ୍ବଲପୁର ଜିଲ୍ଲାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୋଟ ୧୯୯ଟି ଦଳ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ଅନୁଗୋଳରୁ ୭୩ଟି, ସମ୍ବଲପୁରରୁ ୭୩ଟି, ଢେଙ୍କାନାଳରୁ ୨୯ଟି ଏବଂ ଦେବଗଡ଼ରୁ ୨୪ଟି ଦଳ ସାମିଲ ଥିଲେ । ସମ୍ବଲପୁର ଜିଲ୍ଲାର ମ୍ୟାଚଗୁଡ଼ିକ ଜାନୁଆରୀ ୨୨ରେ ଶେଷ ହୋଇଥିବା ବେଳେ ଅନ୍ତିମ ଦିବସରେ ସେମିଫାଇନାଲ ଓ ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହୋଇଥିଲା ।

ଫାଇନାଲ ମ୍ୟାଚ୍ ସମ୍ବଲପୁରର ସିଂହପାଲି ଏଫ୍.ସି ଏବଂ ଅନୁଗୋଳର ଗୋଲଡେନ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ସିଂହପାଲି ଏଫ୍.ସି ବିଜୟୀ ହୋଇ ଚାମ୍ପିଅନ୍ ହୋଇଛି । ସଫଳ ଆୟୋଜନ ପାଇଁ 'ଆମେ ଓଡ଼ିଆ' ଅନୁଷ୍ଠାନକୁ ଧନ୍ୟବାଦ ଜଣାଇବା ସହ ଶ୍ରୀ ପ୍ରଧାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ୧୯୯ଟି ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ବିଜୟୀ ଓ ପ୍ରତିଦ୍ୱନ୍ଦୀ ଟିମକୁ ପୁରସ୍କୃତ ମଧ୍ୟ କରିଥିଲେ ।

ୟୁରୋକିଡ୍ସ ଆଇଆରସି ଭିଲେଜ୍, ନୟାପଲ୍ଲୀ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ

**ଭୁବନେଶ୍ୱର, ନ୍

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୫ ଜାନୁଆରୀ ୨୦୨୬ ରବିବାର

ଶୋଇଥିବା ବେଳେ ବୃଦ୍ଧାଙ୍କୁ ଜାଳିଦେଲେ ଦୁର୍ବୃତ୍ତ

ସୁନ୍ଦରଗଡ଼, ନ୍ୟୁଜ ବ୍ୟୁରୋ

ଏକା ଶୋଇଥିବା ବେଳେ ବୃଦ୍ଧାଙ୍କୁ ଜାଳିଦେଲେ ଦୁର୍ବୃତ୍ତ। ଅଭାବନୀୟ ଘଟଣାଟି ଘଟିଛି ହେମଗିର ଥାନା ରଙ୍ଗିଆଡିପାରେ। ମୃତା ବୃଦ୍ଧା ଜଣକ ହେଲେ ସୁମିତ୍ରା ବାଗ (୮୦)। ନିଆଁରେ ବୃଦ୍ଧାଙ୍କ କେବଳ ଗୋଡ଼କୁ ଛାଡ଼ିଦେଲେ ଶରୀରର ଅନ୍ୟ ଅଂଶ ପୋଡ଼ି ପାଉଁଶ ହୋଇଯାଇଛି। ଗତକାଲି ସନ୍ଧ୍ୟାରେ ଘଟଣାଟି ଘଟିଥିବାବେଳେ ହେମଗିର ପୁଲିସ ସୂଚନା ପାଇ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

ପୁଲିସ ତଦନ୍ତ ବେଳେ ପୁରୁଷଙ୍କ ଚପଲ ଓ ଗୋଟିଏ ଟର୍ଚ୍ଚ ପଡ଼ିଥିବାରୁ ଏହା ଚୋରି ପାଇଁ ହତ୍ୟା ହୋଇଥିବ ବୋଲି ପୁଲିସ ସନ୍ଦେହ କରୁଛି। ତଦନ୍ତ ପରେ ସତ ସାମ୍ନାକୁ ଆସିବ ବୋଲି ପୁଲିସ କହିଛି।

ଗ୍ରନ୍ଥ କୁଟୀର ପାଣ୍ଡୁଲିପି ପାଠାଗାର ଉଦ୍‌ଘାଟନ କରିବା ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଅଧୀନସ୍ଥ ଓଡ଼ିଶା ରାଜ୍ୟ ସଂଗ୍ରହାଳୟକୁ ଜାତୀୟ ସ୍ତରରେ ପୁରସ୍କୃତ କରାଯାଇଛି। ଏହି ପୁରସ୍କାର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଠାରୁ ଗ୍ରହଣ କରୁଛନ୍ତି ଭାରତୀ ପାଲ୍ । ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ।

ଗଣତନ୍ତ୍ର ଦିବସ ପରେଡ୍ ୨୦୨୬

କର୍ତ୍ତବ୍ୟପଥରେ ଗଢ଼ିବ ଓଡ଼ିଶାର ପ୍ରଜ୍ଞାପନ ମେଢ଼ 'ସମୃଦ୍ଧିର ମନ୍ତ୍ର-ଆତ୍ମନିର୍ଭର ଭାରତ'

ନୂଆଦିଲ୍ଲୀ :

୭୬ ତମ ଗଣତନ୍ତ୍ର ଦିବସ ପରେଡ୍ ୨୦୨୬ ଅବସରରେ କର୍ତ୍ତବ୍ୟପଥରେ ହେବାକୁ ଥିବା ଭବ୍ୟ ପରେଡରେ ଓଡ଼ିଶାର ପ୍ରଜ୍ଞାପନ ମେଢ 'ସମୃଦ୍ଧିର ମନ୍ତ୍ର-ଆତ୍ମନିର୍ଭର ଭାରତ' ଦେଖିବାକୁ ମିଳିବ । ଏହି ମେଢ ଭୁବନେଶ୍ୱରର ଇମେଜରି ସଂସ୍ଥା ଦ୍ୱାରା ଡିଜାଇନ୍ କରାଯାଇଛି । ସମୃଦ୍ଧ ଭାରତରେ ଓଡ଼ିଶାର ଅବଦାନକୁ ନେଇ ଏହା ଆଧାରିତ । ଗଣତନ୍ତ୍ର ଦିବସର ଭବ୍ୟତାକୁ ଦେଖି ଏହାକୁ ସର୍ବାଧିକ ଆକର୍ଷଣୀୟ କରାଯାଇଛି । କୋରାପୁଟ କଫି ଠାରୁ ଆରମ୍ଭ କରି ଭୁବନେଶ୍ୱରରେ ନିର୍ମିତ ହେବାକୁ ଯାଉଥିବା 'ସିଲିକନ୍ ଚିପ୍' ଏଥିରେ ସ୍ଥାନପାଇଛି । କୃଷି କ୍ଷେତ୍ରରେ ଓଡ଼ିଶାର ସଫଳତାଠାରୁ ଆରମ୍ଭ କରି ଆଇଟି କ୍ଷେତ୍ରରେ ରାଜ୍ୟର ପ୍ରତିଭାଙ୍କୁ ନେଇ ଓଡ଼ିଶା ବିକାଶ ଯାତ୍ରାର ଝଲକ ଗଣତନ୍ତ୍ର ଦିବସରେ ଦେଖିବାକୁ ମିଳିବ । ଓଡିଶାର ଏହି ପ୍ରଜ୍ଞାପନ ମେଢ଼ ଗୋଟିଏ ଟ୍ରାକ୍ଟର ଓ ଟ୍ରଲିକୁ ସଂଯୋଗ କରି ପ୍ରସ୍ତୁତ କରାଯାଇଛି । ସମ୍ବଲପୁରୀ ବସ୍ତ୍ର, ରାଜ୍ୟର ଆକର୍ଷଣୀୟ ପଟ୍ଟଚିତ୍ର ଓ ତାରକସି କାର୍ଯ୍ୟ ଦ୍ୱାରା ଏହି ପ୍ରଜ୍ଞାପନ ମେଢ଼ର ସାଜସଜ୍ଜା କରାଯାଇଛି । ମହିଳା ସଶକ୍ତୀକରଣକୁ ଦୃଷ୍ଟିରେ ରଖି ୧୮ ଜଣ ମହିଳା ଏହି ପ୍ରଜ୍ଞାପନ ମେଢରେ ଭାଗ ନେଉଛନ୍ତି । ଓଡ଼ିଶାର ଲୋକପ୍ରିୟ ଘୋଡାନାଚ ପ୍ରଜ୍ଞାପନ ମେଢର ଚାରିପଟେ ଦେଖିବାକୁ ମିଳିବ । ଏହାଛଡା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାମଧେନୁ ଯୋଜନା ଆଧାରରେ ପ୍ରଜ୍ଞାପନ ମେଢ ଆଧାରରେ ସ୍ଥାପନ କରାଯାଇଛି ଦୁଇଟି ଆକର୍ଷଣୀୟ ଷଣ୍ଢ ମୂର୍ତ୍ତି । ଏହି ପ୍ରଜ୍ଞାପନ ମେଢ ଶୁକ୍ରବାର କର୍ତ୍ତବ୍ୟପଥରେ ମଧ୍ୟ ଦେଖିବାକୁ ମିଳିବ ବୋଲି ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ନୋଡାଲ ଅଫିସର ହରପ୍ରସାଦ ମହାପାତ୍ର ଏକ ପ୍ରେସ ବାର୍ତ୍ତାରେ କହିଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସହରାଞ୍ଚଳ ବିକାଶ...

ସମ୍ଭାବନା ରଖିଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜାତୀୟ ସଂସ୍କାର ଏଜେଣ୍ଡା ସହିତ ସମନ୍ୱୟ ରଖି ଓଡ଼ିଶା ସରକାର ବ୍ୟବସାୟ କରିବାର ସହଜତା ଏବଂ ନିବେଶ ସୁବିଧାକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରାଯାଉଛି । ନୀତି ଆୟୋଗ ସହିତ ସହଭାଗୀତା ଓଡ଼ିଶାର ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି, ଶିଳ୍ପ ବିକାଶ ଏବଂ ନାଗରିକଙ୍କ ପାଇଁ ଉନ୍ନତ ଜୀବନଶୈଳୀ ପ୍ରତି ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବ । ରାଜ୍ୟର ବିକାଶ ପଥକୁ ପ୍ରଶଂସା କରି ଶ୍ରୀ ବେରୀ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଏବଂ ଓଡ଼ିଶା ସରକାରଙ୍କ ସଂସ୍କାରମୁଖୀ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଆର୍ଥିକ ଦୃଷ୍ଟିରୁ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ମଧ୍ୟରୁ ଗୋଟିଏ ଭାବରେ ଉଭା ହୋଇଛି। ଶିଳ୍ପ ବିକାଶ ଏବଂ ନିବେଶ ପାଇଁ ଏକ ଦୃଢ଼ ଏବଂ ସ୍ଥିର ବ୍ୟବସାୟିକ ପରିବେଶ ସୃଷ୍ଟି କରିଛି। ରାଜ୍ୟରେ ଶିଳ୍ପାୟନକୁ ପ୍ରଭାବିତ କରିପାରୁଥିବା ପ୍ରଭାବଶାଳୀ ସଂସ୍କାର ପାଇଁ ନିଆଯାଇଥିବା ପଦକ୍ଷେପ ପାଇଁ ସେ ରାଜ୍ୟକୁ ପ୍ରଶଂସା କରିଥିଲେ। ଯେ ଦକ୍ଷ ସ୍ୱିରେଜ ପରିଚାଳନା, ପରିଷ୍କାର ପରିଚ୍ଛନ୍ନତା, ସବୁଜ ସ୍ଥାନ ଏବଂ ସ୍ଥାୟୀ ସହରାଞ୍ଚଳ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଇ ଭୁବନେଶ୍ୱର ଏକ ମଡେଲ ସହର ଭାବରେ ବିଶେଷ ଧ୍ୟାନ ଦେବା ଉଚିତ ବୋଲି ଶ୍ରୀ ବେରୀ ମତ ଦେଇଥିଲେ । ଭୁବନେଶ୍ୱରକୁ ଦେଶର ଏକ ମାନଦଣ୍ଡ ସହର ଭାବରେ ବିକଶିତ କରିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଡକ୍ଟର ଅରବିନ୍ଦ ବୀରମାଣି ମଧ୍ୟ ରାଜ୍ୟର ଭବିଷ୍ୟତବାଦୀ ନୀତି, ଅନ୍ତର୍ଭୁକ୍ତିମୂଳକ ଏବଂ ସ୍ଥାୟୀ ଅଭିବୃଦ୍ଧି ପ୍ରତି ଏହାର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ଉନ୍ନୟନ କମିଶନର ଡି.କେ. ସିଂହ ପ୍ରମୁଖ ଯୋଗ ଦେଇଥିଲେ।

୬୧ ହଜାର...

ଏକ ସଂକଳ୍ପ ପତ୍ର । ନିଯୁକ୍ତିପତ୍ର ବାଣ୍ଟି ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଗତ ୫-୭ବର୍ଷ ମଧ୍ୟରେ ଯେତେବେଳେ ଆପଣ ସରକାରଙ୍କ ସହିତ ସମ୍ପର୍କ କରିଥିଲେ, ତାହା ସରକାରୀ କାର୍ଯ୍ୟାଳୟ ହେଉ କିମ୍ବା କୌଣସି ଉପାୟରେ କିଛି ଅସୁବିଧାରେ ସମ୍ମୁଖୀନ ହୋଇଥିଲେ କିମ୍ବା କିଛି ତ୍ରୁଟି ଲକ୍ଷ୍ୟ କରିଥିଲେ ।

୧୮ ହଜାରରୁ ...

କଟ୍‌ଅଫ୍- ୫୦ ପର୍ସେଣ୍ଟାଇଲ, ପିଡବ୍ଲ୍ୟୁଡି ବର୍ଗ ପାଇଁ ୪୫ ପର୍ସେଣ୍ଟାଇଲ ଓ ସଂରକ୍ଷିତ ବର୍ଗ ପାଇଁ ୪୦ ପର୍ସେଣ୍ଟାଇଲ ରହିଥିଲା । ଏହାଦ୍ୱାରା ଦେଶରେ ସରକାରୀ ତଥା ଘରୋଇ ମେଡିକାଲ କଲେଜରେ ୧୮,୦୦୦ ଅଧିକ ସିଟ୍ ଖାଲି ପଡ଼ିଛି । ଏତେ ସିଟ୍ ଖାଲି ଛାଡ଼ିବା ଦ୍ୱାରା ଦେଶରେ ସଂଶୋଧନ ନଷ୍ଟ ହେବା ସହିତ ଡାକ୍ତରଙ୍କ ଅଭାବ ଦେଖାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ତେବେ ଡାକ୍ତରମାନେ ଅଭିଯୋଗ କରିଛନ୍ତି ଯେ ଘରୋଇ କଲେଜରେ ସିଟ୍ ପୂରଣ ପାଇଁ ଏହା କରାଯାଇଛି । ଏହି ନିଷ୍ପତ୍ତି ବିରୋଧରେ ସଞ୍ଜିତ ସେଠଙ୍କ ଦ୍ୱାରା ଦିଲ୍ଲୀ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା । ଜାନୁଆରୀ ୨୧ ତାରିଖରେ ହାଇକୋର୍ଟ ଏହାକୁ ଖାରଜ କରିଦେଇଥିଲେ । କୋର୍ଟ କହିଥିଲେ ଯେ, ଏହି ପରୀକ୍ଷା ଡାକ୍ତରଙ୍କ ଗୁଣବତ୍ତା ଯାଞ୍ଚ କରିବା ପାଇଁ ନୁହେଁ ବରଂ ସେମାନଙ୍କୁ ପିଜି ପାଠ୍ୟକ୍ରମରେ ପ୍ରବେଶ ଦେବା ପାଇଁ ଉଦ୍ଦିଷ୍ଟ । ସୁପ୍ରିମକୋର୍ଟରେ ଏନେଇ ମଧ୍ୟ ଏକ ଆବେଦନ ଦାଖଲ କରାଯାଇଛି। ସୂଚନାଯୋଗ୍ୟ, ଦେଶରେ ବିଭିନ୍ନ ମେଡିକାଲ କଲେଜରେ ଏମଡି/ଏମ୍‌ଏସ୍ ପାଇଁ ପାଖାପାଖି ୫୦,୦୦୦ ସିଟ୍ ରହିଛି ।

୩୪୯ ଜଣ ପ୍ରାର୍ଥୀଙ୍କୁ ...

ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ବିତରଣ କରିଥିଲେ। କେନ୍ଦ୍ର ମନ୍ତ୍ରୀ କହିଥିଲେ, ରୋଜଗାର ସୃଷ୍ଟି ଏବଂ ଯୁବ ଶକ୍ତିର ସଦୁପଯୋଗ କେନ୍ଦ୍ର ସରକାରଙ୍କ ପ୍ରାଥମିକତା। ଏଭଳି ରୋଜଗାର ମେଳା ଯୁବପିଢ଼ିକୁ ଉପଯୁକ୍ତ ସୁଯୋଗ ପ୍ରଦାନ କରି ସେମାନଙ୍କର ସ୍ୱପ୍ନକୁ ସାକାର କରିବାରେ ସହାୟକ ହୋଇଛି । କେନ୍ଦ୍ର ମନ୍ତ୍ରୀ ନିଯୁକ୍ତି ପାଇଥିବା ସବୁ ପ୍ରାର୍ଥୀମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ନବନିଯୁକ୍ତ ପ୍ରାର୍ଥୀମାନଙ୍କ ମଧ୍ୟରୁ ଆର୍ଥିକ ସେବା ବିଭାଗ ଓ ଭାରତୀୟ ଷ୍ଟେଟବ୍ୟାଙ୍କରେ ୮ ଜଣ, ସିଆରପିଏଫରେ ୨୦୨ଜଣ, ଏମ୍ସ ଏବଂ ସ୍ୱାସ୍ଥ୍ୟ ବିଭାଗରେ ଦୁଇ ଜଣ, ଇଏସଆଇସିରେ ୯ ଜଣ, ଏଫସିଆଇରେ ଜଣେ, ଆଇଟିବିପିରେ ୨୭ ଜଣ ଏବଂ ସୀମା ସୁରକ୍ଷା ବଳରେ ୧୦ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ମିଳିଛି। ଏହି କାର୍ଯ୍ୟକ୍ରମରେ ଏସଏଲବିସି ଓଡ଼ିଶାର ଆବାହକ ତଥା ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଗୌତମ ପାତ୍ର, ସିଆରପିଏଫ ଡିଆଇଜି ଭରତ ଭୂଷଣ ସେଠୀ, ଏମ୍ସ ଡିନ୍ (ଗବେଷଣା) ପ୍ରଫେସର ଡାକ୍ତର ସତ୍ୟଜିତ ମିଶ୍ର, ଇଏସଆଇସି ଓଡ଼ିଶା ଯୁଗ୍ମ ନିର୍ଦ୍ଦେଶକ ମହେନ୍ଦ୍ର ଭୋଇ, ଏଫସିଆଇ ଉପ ମହାପ୍ରବନ୍ଧକ ଅଙ୍କୁର ବସ୍ତ, ଆଇଟିବିପି ୪୧ ବାଟାଲିୟନ କମାଣ୍ଡାଣ୍ଟ ନରେନ୍ଦ୍ର ସିଂ, ବିଏସଏଫ ଅଧିକାରୀ ସୁମନ କୁମାର ପ୍ରମୁଖଙ୍କ ସମେତ ବହୁ ସରକାରୀ ପ୍ରତିଷ୍ଠାନର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ନବନିଯୁକ୍ତ ପ୍ରାର୍ଥୀମାନେ ଉପସ୍ଥିତ ଥିଲେ ।

୨/୩ ମାସ...

ଭୋଟର ତାଲିକାରେ ନାମ ଥିବା ଜଣାପଡୁଛି ଗୋଟିଏ ସ୍ଥାନରୁ ନାମ କଟାଯାଉଛି। ଏବେ ଭୁବନେଶ୍ୱରରେ ୨୦% ମ୍ୟାଚିଂ ହୋଇଥିବାରୁ କେବଳ ଭୁବନେଶ୍ୱରରେ ପୁଣି ଥରେ ପ୍ରି-ଏସ୍‌ଆଇଆର୍ କାମ ଚାଲିଛି। ଆଗକୁ କାମ ସହଜ କରିବାକୁ ଏବେ କେବଳ ପ୍ରସ୍ତୁତି ଚାଲିଛି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଖାପାଖି ବର୍ଷେ ପରେ ଅନୁଷ୍ଠିତ ହେବ। ପଞ୍ଚାୟତ ନିର୍ବାଚନ ପାଇଁ ସଠିକ ସମୟ ଘୋଷଣା ହୋଇ ନଥିଲେ ମଧ୍ୟ ରାଜନୈତିକ ଦଳର ନେତାମାନେ ନିଜନିଜର କ୍ଷେତ୍ର ସଜାଡିବା ଆରମ୍ଭ କରିଛନ୍ତି। ରାଜ୍ୟର ଅନେକ ସରପଞ୍ଚ ଏବଂ ସମିତି ସଭ୍ୟ ଦଳ ଡେଇଁବା ପ୍ରକ୍ରିୟା ଚାଲୁ ରହିଛି। ଏହାରି ମଧ୍ୟରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ ଏକ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଆଗୁଆ ହୋଇପାରେ। ଏହି ନିର୍ବାଚନ ୨ରୁ ୩ମାସ ପୂର୍ବରୁ ହୋଇପାରେ।

ବକ୍ସି ଜଗବନ୍ଧୁ ବିଦ୍ୟାଧର...

ପାଇକ ବିଦ୍ରୋହର ଅମର ନାୟକ, ସ୍ୱାଭିମାନୀ ଓଡ଼ିଆ ଜାତିର ପରାକ୍ରମୀ ସେନାପତି ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟଙ୍କ ପୁଣ୍ୟତିଥିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି। ମାତୃଭୂମିର ସୁରକ୍ଷା ଓ ସ୍ୱାଧୀନତା ପାଇଁ ତାଙ୍କର ଅଦମ୍ୟ ସାହସ ଏବଂ ବଳିଦାନ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଅକ୍ଷୟ ଉତ୍ସ ହୋଇ ରହିବ।

'ବନ୍ଦେ ମାତରମ୍'...

ନିର୍ଦ୍ଦେଶାବଳୀ, ଯେଉଁଥିରେ ସମ୍ମାନର ପଦ୍ଧତି ଅନ୍ତର୍ଭୁକ୍ତ, ଆଲୋଚନା କରାଯାଇଥିଲା । ବୈଠକରେ ବନ୍ଦେ ମାତରମ୍ ଗାନ କରିବାର ସମୟ, ସ୍ଥାନ ଏବଂ ପଦ୍ଧତି ପାଇଁ ସ୍ପଷ୍ଟ ନିୟମ ସ୍ଥାପନ କରାଯିବା ଉଚିତ୍ କି ? ଜାତୀୟ ସଙ୍ଗୀତ ଗାନ ସମୟରେ ଛିଡ଼ା ହେବା ବାଧ୍ୟତାମୂଳକ କରାଯିବା ଉଚିତ କି ? ଯେଉଁମାନେ ଜାତୀୟ ଗୀତକୁ ଅସମ୍ମାନ କରନ୍ତି ସେମାନଙ୍କୁ କ'ଣ ଜରିମାନା କିମ୍ବା ଦଣ୍ଡିତ କରାଯିବା ଉଚିତ୍ ପ୍ରସଙ୍ଗରେ ଆଲୋଚନା ହୋଇଥିଲା ।

୫ ଅଧିକାରୀଙ୍କୁ ...

ବସୁଛି । ଏହି କୋର୍ଟର କାର୍ଯ୍ୟ ନୁହେଁ ବାରମ୍ବାର ସମୟ ଗଡ଼ାଇଚାଲିବ। ସାଧାରଣ ଲୋକଙ୍କୁ ତ୍ୱରିତ ନ୍ୟାୟ ଦେବା ଏହି ଅଦାଲତର କାର୍ଯ୍ୟ ବୋଲି ହାଇକୋର୍ଟ କହିଛନ୍ତି । ନଗର ଉନ୍ନୟନ ସଚିବ ଉଷା ପାଢ଼ୀ, ପୌର ନିର୍ଦ୍ଦେଶକ ଗଗନ ବିହାରୀ ସ୍ୱାଇଁ, ଟାଉନ୍ ପ୍ଲାନିଂର ସ୍ୱତନ୍ତ୍ର ସଚିବ ସୁଶାନ୍ତ କୁମାର ମିଶ୍ର, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ଆଠଗଡ଼ ସ୍ୱତନ୍ତ୍ର ପ୍ଲାନିଂ ଅଥରିଟି ଡ. ପ୍ରଦୀପ କୁମାର ସାହାଙ୍କୁ ପୁଲିସ୍ କମିଶନର୍ ହାଜର କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଗୋକୁଳାନନ୍ଦ ପଟ୍ଟନାୟକ ମାମଲା ପରିଚାଳନା କରୁଛନ୍ତି।

ଦିଲ୍ଲୀରେ ପହଞ୍ଚିଲେ ...

ୟୁରୋପ-ଭାରତ ଶିଖର ସମ୍ମିଳନୀରେ ୟୁରୋପର ପ୍ରତିନିଧିତ୍ୱ କରିବେ । ଏହି ଶିଖର ସମ୍ମିଳନୀରେ ପ୍ରମୁଖ ଏଫ୍‌ଟିଏ ଆଲୋଚନା ଏବଂ ସମସ୍ତ ଚୁକ୍ତି ବିଷୟରେ ଆଲୋଚନା ହେବାର ସମ୍ଭାବନା ଅଛି । ଲେଏନ୍ ଓ ଡା-କୋଷ୍ଟାଙ୍କୁ ଦିଲ୍ଲୀ ବିମାନବନ୍ଦରରେ କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ଜିତିନ୍ ପ୍ରସାଦ ସ୍ୱାଗତ କରିଥିଲେ ।

ବାଘ ସହ ...

ହୋଇଛନ୍ତି । ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । କଲରାପଡରିଆ ବାଘର ମୃତଦେହକୁ ଜବତ କରିଛି ବନ ବିଭାଗ । ସୂଚନା ମିଳିଛି ବାଘଟି ପୂର୍ବରୁ ଖଣ୍ଡିଆ ହୋଇ ଏଣେ ତେଣେ ଅବସ୍ଥାରେ ବୁଲି ଆକ୍ରମଣ ପାଇଁ ଉଦ୍ୟମ କରିଥିଲା ।

ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ପାଇଁ ମୁଖ୍ୟ ଶାସନ ସଚିବଙ୍କ ବୈଠକ

ବ୍ୟାପକ ପ୍ରସ୍ତୁତି ସହ କଡ଼ା ସୁରକ୍ଷା ବ୍ୟବସ୍ଥା ନେଇ ଆଲୋଚନା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଆସନ୍ତା ଫେବୁୟାରୀ ୨ରୁ ୬ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ସେଥିପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ରାଷ୍ଟ୍ରପତି ଭୁବନେଶ୍ୱରରେ ପହଞ୍ଚିବାଠୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ଓ ପ୍ରତ୍ୟାବର୍ତ୍ତନ କରିବା ଯାଏ ସମସ୍ତ କାର୍ଯ୍ୟ ସୁଚାରୁରୂପେ କରାଯିବାକୁ ଆଲୋଚନା ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବ୍ୟକ୍ତିଗତ ତଦାରଖ କରିବାକୁ ମୁଖ୍ୟ ଶାସନ ସଚିବ ସଚିବ, ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପରିଚାଳନାରେ ଯେପରି ତ୍ରୁଟି ନହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଛନ୍ତି। ସମନ୍ୱୟ ପାଇଁ ଗୃହ ବିଭାଗ ପକ୍ଷରୁ ଏକ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବ । ରାଷ୍ଟ୍ରପତି ୨ ତାରିଖରେ ଭୁବନେଶ୍ୱରରେ ପହଞ୍ଚିବେ । ୩ରେ ବିରଜା ମନ୍ଦିର ପରିଦର୍ଶନ କରି ନାଭି ଗୟାରେ ପୂଜାର୍ଚ୍ଚନା କରିବେ । ଅପରାହ୍ନରେ ବାଲେଶ୍ୱରର ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ସାମିଲ ହେବେ । ସଂଧ୍ୟାରେ ପୁରୀରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ ସହ ଆଳତି ଓ ପିଣ୍ଡଦାନ କରିବେ । ୪ରେ ମୟୂରଭଞ୍ଜ ରାଇରଙ୍ଗପୁର ମହୁଲଡିହାରେ ଅବକାଶ ଗୃହର ଉଦ୍ଘାଟନ କରିବେ । ବାଳିକା ହାୟର ସେକେଣ୍ଡାରୀ ସ୍କୁଲ ପରିଦର୍ଶନ କରିବେ । ଭଞ୍ଜ ବୀର ସୁନାରାମ ସୋରେନ୍‌ଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ କରିବେ । ବୈଦପୁରରେ କ୍ରୀଡ଼ା କମ୍ପ୍ଲେକ୍ସ ସହ ରାଇରଙ୍ଗପୁରରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବେ। ୫ରେ ରାଇରଙ୍ଗପୁର ଶ୍ରୀଜଗନ୍ନାଥ ମନ୍ଦିର, ଅପରାହ୍ନରେ ଶିମିଳିପାଳ ଗସ୍ତ କରିବେ । ୬ତାରିଖ ପୂର୍ବାହ୍ନରେ ମହିଳା, ଆଦିବାସୀ ଗୋଷ୍ଠୀର ଯୁବବର୍ଗଙ୍କ ସହ ଭାବ ବିନିମୟ କରିବେ । ଅପରାହ୍ନରେ ଭୁବନେଶ୍ୱରରେ ବ୍ଲାକ୍ ସ୍ୱାନ୍ ସମ୍ମିଳନୀ ଇଣ୍ଡିଆ କାର୍ଯ୍ୟକ୍ରମରେ ସାମିଲ ହେବେ। ୭ ତାରିଖରେ ଭୁବନେଶ୍ୱର ବିମାନବନ୍ଦରରୁ ଛତିଶଗଡ଼ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୁଲିସ ଡିଜି ୱାଇ ବି ଖୁରାନିଆ, ଅଗ୍ନିଶମ ସେବା ଡିଜି ସୁଧାଂଶୁ ଷଡ଼ଙ୍ଗୀ, ଶ୍ରୀମନ୍ଦିର ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ସମେତ ବିଭିନ୍ନ ବିଭାଗର ସଚିବ, ଭୁବନେଶ୍ୱର ବିମାନ ବନ୍ଦର ନିର୍ଦ୍ଦେଶକ, ଓ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ଏସ୍ପି ସାମିଲ ହୋଇଥିଲେ।

ବିଜେପିର ମିଶ୍ରଣ ପର୍ବ : ୧୦୦ରୁ ଊର୍ଦ୍ଧ୍ୱ ନେତା ଓ କର୍ମୀ ହେଲେ ସାମିଲ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଶନିବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ରାୟଗଡା ଜିଲ୍ଲା ବିଷମକଟକ ନିର୍ବାଚନମଣ୍ଡଳୀର ବହୁ ସଂଖ୍ୟାରେ ବିଜେଡି ଓ

ଦୈନିକ ସମୟ
ଷଷ୍ଠ ସଂସ୍କରଣ
ଭୁବନେଶ୍ୱର
୨୫ ଜାନୁଆରୀ, ରବିବାର, ୨୦୨୬
RNI Regd. No. : 52640/94
Postal Regd. No. :
BN/60/25-27

ଭୁବନେଶ୍ୱର : ଯୋରନ୍ଦା ପୀଠର ସାଧୁସନ୍ୟାସୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

ଚନ୍ଦ୍ରଭାଗାରେ ଶ୍ରଦ୍ଧାଳୁଙ୍କ ଭିଡ : ରାତି ୪ଟା୪୧ରେ ତିନି ଠାକୁରଙ୍କ ମହାସ୍ନାନ

କୋଣାର୍କ, ୨୪।୧
ନ୍ୟୁଜ ବ୍ୟୁରୋ

ରବିବାର ପବିତ୍ର ମାଘ ସପ୍ତମୀ ବୁଡ । ଶନିବାର ରାତି ୪ଟା୪୧ରୁ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ବୁଡ଼ ପକାଇବା ପାଇଁ ଶନିବାର ଅପରାହ୍ନରୁ ଚନ୍ଦ୍ରଭାଗା ମେଳା ପଡ଼ିଆ ଓ ବେଳାଭୂମିରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ଏହି ଦିନ ଚନ୍ଦ୍ରଭାଗା ତୀର୍ଥରେ ସ୍ନାନ କଲେ ସମସ୍ତ ପାପ କ୍ଷୟ ହୋଇ ମୁକ୍ତି ମିଳିଥାଏ ବୋଲି ଶ୍ରଦ୍ଧାଳୁମାନଙ୍କର ବିଶ୍ୱାସ ରହିଛି । ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ମେଳାପଡିଆରେ ବାଉଁଶ କଣି ଓ ପାଲ ପକାଇ ଛୋଟ ଛୋଟ କୁଡ଼ିଆରେ ବିଶ୍ରାମ ନେଉଛନ୍ତି । ମାଟି ହାଣ୍ଡିରେ ଭାତ, ଡାଲମା ରୋଷେଇରେ ଚାରିଆଡ଼େ ବାସ୍ନା ମହକୁଛି । ରୋଷେଇ ସାରି କୁଡ଼ିଆରେ ଶୁଭ ମୁହୂର୍ତ୍ତକୁ ଅପେକ୍ଷା କରି ରହିଥିଲେ ଶ୍ରଦ୍ଧାଳୁମାନେ । ଶ୍ରୀଶ୍ରୀ ତ୍ରିବେଣୀଶ୍ୱର, ଇଷାଣେଶ୍ୱର, ଦକ୍ଷିଣେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ସ୍ନାନ ପରେ ଅପେକ୍ଷାରତ ଶ୍ରଦ୍ଧାଳୁ ତୀର୍ଥ ଜଳରେ ବୁଡ଼ ପକାଇବେ । ମେଳାପଡିଆ ବ୍ୟାରିକେଡ଼ ଯୋଗୁଁ ଆବଦ୍ଧ ହୋଇଥିବାରୁ ଶ୍ରଦ୍ଧାଳୁମାନେ ନିରାଶ ହୋଇଥିଲେ । ସଂଧ୍ୟାରେ ତୀର୍ଥ ପୁଷ୍କରିଣୀ ଠାରୁ ୩କିମି ଦୂରରେ ପୁରୀ ଓ ଭୁବନେଶ୍ୱର ଆଡୁ ଆସୁଥିବା ସମସ୍ତ ଯାନବାହାନ ପାର୍କିଂ ଫଳରେ ଶ୍ରଦ୍ଧାଳୁମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ମେଳାପଡିଆରେ ସ୍ୱାସ୍ଥ୍ୟ ସେବା ଶିବିର, ଅସ୍ଥାୟୀ ଶୌଚାଳୟ, ପାନୀୟ ଜଳ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ରହିଛି । ବିଭିନ୍ନ ଅନୁଷ୍ଠାନ ଓ ସୂଚନା ପ୍ରସାରଣ ବିଭାଗ ପକ୍ଷରୁ ଶନିବାର ସାରା ରାତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶାନ୍ତି ଶୃଙ୍ଖଳା ନିମନ୍ତେ କୋଣାର୍କ ଓ ଚନ୍ଦ୍ରଭାଗାରେ ୩୪ପ୍ଲାଟୁନ ଫୋର୍ସ, ୩ ଶହ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଛନ୍ତି ।

କିସ୍‌ରେ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ଜାତୀୟ ଆଲୋଚନାଚକ୍ର

ଯୋଗଦେଲେ ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରୀ

ଭୁବନେଶ୍ୱର, ୨୪।୧
ନ୍ୟୁଜ ବ୍ୟୁରୋ

ସ୍ଥାୟୀ ବିକାଶ ଲକ୍ଷ୍ୟ ଓ କିସ୍: ପରିବର୍ତ୍ତନକାରୀ ଶିକ୍ଷା, ସ୍ୱେଚ୍ଛାସେବା ଓ ସମାଜ କୈନ୍ଦ୍ରିକ ପଦକ୍ଷେପ ମାଧ୍ୟମରେ ଭାରତର ସ୍ଥାୟୀ ବିକାଶ ଲକ୍ଷ୍ୟ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବା ଶୀର୍ଷକ ଉପରେ କିସ୍‌ରେ ଶନିବାର ଦିନିକିଆ ଜାତୀୟ ଆଲୋଚନଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରୀ ବିକଶିତ ଭାରତ ପରିପ୍ରେକ୍ଷୀରେ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ । ସ୍ଥାନୀୟ ସମସ୍ୟାକୁ ଦୃଷ୍ଟିରେ ରଖି ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସେ କହିଲେ, ଭାରତର ବିଭିନ୍ନ ରାଜ୍ୟ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ସହ ସମନ୍ୱୟ ରକ୍ଷାକରି ସ୍ଥାନୀୟ ସମସ୍ୟାର ମୁକାବିଲା କରୁଛନ୍ତି । ସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ ଏକ ଗତିଶୀଳ ମଡେଲ ଭାବେ ଉଭା ହୋଇଛି । ରାଜ୍ୟ ସରକାର ଓ ଯୋଜନା ସଂଗଠନଗୁଡ଼ିକ ଏହି ଉଦ୍ଦେଶ୍ୟ ହାସଲ କରିବା ପାଇଁ ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ଏବଂ ଅନ୍ୟାନ୍ୟସ୍ତରରେ ସ୍ଥାନୀୟ ଲକ୍ଷ୍ୟ ସ୍ଥିର କରିବା ସହ ସେ ଦିଗରେ କାର୍ଯ୍ୟ କରି ଆସୁଛନ୍ତି । ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ଆଧାରରେ ଭାରତର ସ୍ଥାନୀୟ ବିକାଶକୁ ବିଶ୍ୱ ପ୍ରଶଂସା କରି ଆସୁଛି ବୋଲି ସେ କହିଥିଲେ । ଏହି ଅବସରରେ ସେ କହିଲେ, ମୁଁ ତିନି ଥର ଓଡ଼ିଶା ଗସ୍ତରେ ଆସିଛି, ସେଥିରୁ ଶନିବାର ଗସ୍ତ ସ୍ମରଣୀୟ ହୋଇରହିବ । କିସ୍ ଜରିଆରେ ଶିକ୍ଷା ମାଧ୍ୟମରେ ଓଡ଼ିଶା ରାଜ୍ୟ ତଥା ଭାରତର ଜନଜାତିଙ୍କ ଜୀବନରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଅଣାଯାଇପାରିଛି ତାହା କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଦୃଷ୍ଟିକୋଣ ଓ ନିଷ୍ଠା ସୂଚୀତ କରୁଛି ବୋଲି ସେ କହିଥିଲେ । ଏଥିପାଇଁ ସେ ଡ. ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଅନ୍ୟତମ ଅତିଥି, ନୀତି ଆୟୋଗ ସଦସ୍ୟ ଅରବିନ୍ଦ ଭିର୍ମାନୀ ବିକଶିତ ଭାରତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ । ଏହି ପ୍ରୟାସରେ ବ୍ୟକ୍ତି, ଅନୁଷ୍ଠାନ, ସମାଜ ଓ ରାଜ୍ୟ ସମସ୍ତଙ୍କ ଭୂମିକା ରହିଛି । ସେ କହିଲେ, ବିକଶିତ ଭାରତ ଗଠନରେ ତିନୋଟି ପ୍ରମୁଖ ଉପାଦାନ ଜରୁରୀ । ସେଗୁଡିକ ହେଲା ମୌଳିକ ଶିକ୍ଷା, ଦକ୍ଷତା ବିକାଶ ଏବଂ ନିଯୁକ୍ତି । ଏଗୁଡ଼ିକ ପ୍ରତ୍ୟେକ ପରସ୍ପର ସହିତ ଜଡ଼ିତ । ମୌଳିକ ଶିକ୍ଷା କେବଳ ଅନ୍ତର୍ଭୁକ୍ତି ପାଇଁ ନୁହେଁ ବରଂ ଦକ୍ଷତା ହାସଲ ଓ ନିଯୁକ୍ତି ସୁଯୋଗ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ସେ ଗୁଣାତ୍ମକ ଓ ସାମଗ୍ରିକ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ନୂତନ ଶିକ୍ଷାନୀତିର ଗୁରୁତ୍ୱ ଉପରେ ଆଲୋକପାତ କରି ସେ ଗୁଣାତ୍ମକ ମୌଳିକ ଶିକ୍ଷା ଏବଂ ଦକ୍ଷତା ବିକାଶର ଆବଶ୍ୟକତା ଉପରେ ଜୋର ଦେଇଥିଲେ ।

ନୀତି ଆୟୋଗର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଡ. ପ୍ରଭାକର ସାହୁ କହିଲେ, କିସ୍ ହେଉଛି ସ୍ଥାୟୀ ବିକାଶ ମଡେଲର ପ୍ରତିଫଳନ । କିସ୍ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ପାଇଁ ଏକ ମାଧ୍ୟମ ଭାବରେ କାର୍ଯ୍ୟ କରୁଛି । ଆମ ପାଖରେ ଥିବା ଅନୁକୂଳ ଜନସଂଖ୍ୟା ବିକଶିତ ଭାରତ ପାଇଁ ମୂଳଦୁଆ ପ୍ରସ୍ତୁତ କରେ ଏବଂ କିସ୍ ପ୍ରଭାବଶାଳୀ ଭାବରେ ଏହି ଲକ୍ଷ୍ୟରେ ଯୋଗଦାନ ଦେଉଛି । ସ୍ଥାୟୀ ବିକାଶ ଲକ୍ଷ୍ୟରେ ଗୁଣାତ୍ମକ ଶିକ୍ଷା, ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଓ ଦକ୍ଷତା ବିକାଶ ଆଦି ଅନ୍ତର୍ଭୁକ୍ତ । କିଟ୍ ଓ କିସ୍ ସକ୍ରିୟ ଭାବରେ ଏହି ଉଦ୍ଦେଶ୍ୟଗୁଡ଼ିକୁ ଅନୁସରଣ କରିଆସୁଛି ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୟୁଏନଡିପି ଓଡ଼ିଶା ମୁଖ୍ୟ ଆଭା ମିଶ୍ର, ୟୁଏନଏଫପିଏ ଓଡ଼ିଶା ମୁଖ୍ୟ ଡ ମହମ୍ମଦ ନଦୀମ୍ ନୁର, ଫ୍ରାନସର ଇଣ୍ଟରନ୍ୟାସନାଲ ଏକଜିକ୍ୟୁଟିଭ ସ୍କୁଲର ସହ-ପ୍ରତିଷ୍ଠାତା ଓ ସଭାପତି ଡ. ସୌଲା କିରିଆକୋସ୍, ପୂର୍ବତନ ଜାତିସଂଘ ପ୍ରାକଟିସନର ଆରୁଷି ରାୟ; କିଟ୍, ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା ପ୍ରମୁଖ ଜାତିସଂଘ ବିକାଶ ଲକ୍ଷ୍ୟ ଓ ସ୍ଥାନୀୟ ସ୍ତରରେ ଏହାର କାର୍ଯ୍ୟାକାରିତା ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ୨୦୨୬

ଓଡ଼ିଶୀ ନୃତ୍ୟର ଆଦୃତି ପାଇଁ ଏହି ଉତ୍ସବର ଭୂମିକା ଗୁରୁତ୍ୱପୂର୍ଣ୍ଣ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪/୧
ନ୍ୟୁଜ ବ୍ୟୁରୋ

ଓଡ଼ିଶୀ ନୃତ୍ୟର ମହାକୁମ୍ଭ ମୁକ୍ତେଶ୍ୱର ନୃତ୍ୟ ଉତ୍ସବ-୨୦୨୬ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିଛନ୍ତି । ସୂଚନାଯୋଗ୍ୟ ଯେ, ଭୁବନେଶ୍ୱରସ୍ଥିତ ମୁକ୍ତେଶ୍ୱର ମନ୍ଦିର ପରିସରରେ ତିନିଦିନିଆ ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ୨୦୨୬ ଆରମ୍ଭ ହୋଇଛି । ରବିବାର ଏହି ଉତ୍ସବ ଉଦ୍‌ଯାପିତ ହେବ । ଜାତୀୟ ତଥା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଓଡ଼ିଶୀ ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ଏଠାରେ ନୃତ୍ୟ ପରିବେଷଣ କରାଯାଉଛି । ଏହି ନୃତ୍ୟ ଉତ୍ସବକୁ ଉଦ୍‌ଘାଟନ କରିବା ସହ ମୁକ୍ତେଶ୍ୱର ମନ୍ଦିରର ଅନନ୍ୟ ସ୍ଥାପତ୍ୟ ବିଷୟରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶୀ ନୃତ୍ୟର ଆଦୃତି ପାଇଁ ଏହି ଉତ୍ସବ ଗୁରୁତ୍ୱପୂର୍ଣ୍ଣ ଭୂମିକାଗ୍ରହଣ କରି ଆସିଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ପ୍ରତିବର୍ଷ ଏଠାରେ ନୃତ୍ୟୋତ୍ସବ ଅନୁଷ୍ଠିତ ହେଉଛି । ଏହି ଉତ୍ସବ ପର୍ଯ୍ୟଟକ ଓ ସଂସ୍କୃତିପ୍ରେମୀଙ୍କ ପାଇଁ ଭୁବନେଶ୍ୱରର ଅନନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲଟିଛି । ଏହା ମାଧ୍ୟମରେ ଆମର ଏହି ପ୍ରସିଦ୍ଧ ପ୍ରତ୍ନତାତ୍ତ୍ୱିକ ବିଭବର ପ୍ରଚାର ପ୍ରସାର ହେବା ସହିତ ଓଡ଼ିଶୀ ନୃତ୍ୟର ଆଦୃତି ବଢୁଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ସଂସ୍କୃତି ସଚିବ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ସଂଗୀତ ନାଟକ ଏକାଡେମୀର ସଚିବ ଡଃ ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ ।

ଏଣିକି ସାଂସଦ ଓ ବିଧାୟକଙ୍କୁ ଅସମ୍ମାନ କଲେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୪/୧
ନ୍ୟୁଜ ବ୍ୟୁରୋ

ଏଣିକି ସାଂସଦ ଓ ବିଧାୟକଙ୍କୁ ଅସମ୍ମାନ କଲେ ହେବ କାର୍ଯ୍ୟାନୁଷ୍ଠାନ । ଅସମ୍ମାନ ଘଟଣାର ଅଭିଯୋଗ ପ୍ରମାଣିତ ହେଲେ ସମ୍ପୃକ୍ତ ଅଧିକାରୀଙ୍କ ପଦୋନ୍ନତି ରୋକିବା, ବାଧ୍ୟତାମୂଳକ ଅବସର କିମ୍ବା ଚାକିରିରୁ ବହିଷ୍କାର ଭଳି କଠୋର ଦଣ୍ଡ ଦିଆଯିବ ବୋଲି ସତର୍କ କରାଇଦେଇଛି କେନ୍ଦ୍ର । ସବୁ ରାଜ୍ୟକୁ ସତର୍କ କଲା କାର୍ମିକ ମନ୍ତ୍ରଣାଳୟ । ନିର୍ବାଚିତ ବିଧାୟକ ଓ ସାଂସଦଙ୍କୁ ଅସମ୍ମାନ କଲେ କିମ୍ବା ସେମାନଙ୍କ ନିର୍ଦ୍ଦେଶକୁ ହେୟଜ୍ଞାନ କଲେ ହେବ କାର୍ଯ୍ୟାନୁଷ୍ଠାନ । କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ସତର୍କ କରାଇ ଦେଇଛି ଯେ ବିଧାୟକ ଓ ସାଂସଦଙ୍କୁ ସମ୍ମାନ ଦେବା ପାଇଁ ଉଦ୍ଦିଷ୍ଟ ପ୍ରୋଟୋକଲକୁ ନ ମାନିଲେ ଏପରିକି ନିଜର ବଦଳି କିମ୍ବା ପଦୋନ୍ନତି ତଥା ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କୌଣସି ରାଜନୈତିକ ଚାପ ପକାଇଲେ, ସରକାରୀ ନିୟମ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ । ଅଫିସରଙ୍କ ବିଶୃଙ୍ଖଳିତ ଆଚରଣକୁ ନେଇ ରାଜ୍ୟସଭାର ଏଥିକ୍ସ କମିଟି ଓ ଲୋକସଭାର ପ୍ରୋଟୋକଲ ଉଲ୍ଲଂଘନ କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ସବୁ ରାଜ୍ୟକୁ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି ।

ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୪/୦୧/୨୦୨୬
୭,୮୪,୯୯୮ ଟଙ୍କା
ସୁନା :- ୨୨ ଗ୍ରାମ୍ ୮୦୦ ମିଲିଗ୍ରାମ୍
ରୂପା :- ୩୯ ଗ୍ରାମ୍ ୫୦୦ ମିଲିଗ୍ରାମ

ଦିନକ ପରେ ସାଧାରଣତନ୍ତ୍ର ଦିବସ

ସରିଲା ଫୁଲ ଡ୍ରେସ୍ ରିହରସଲ୍ : ୫୧ କଣ୍ଟିଂଜେଣ୍ଟ ସାମିଲ୍

ଭୁବନେଶ୍ୱର, ୨୪/୦୧ ନ୍ୟୁଜ ବ୍ୟୁରୋ ସାଧାରଣତନ୍ତ୍ର ଦିବସକୁ ଆଉ ଗୋଟିଏ ଦିନ । ଏହା ପୂର୍ବରୁ ସରିଛି ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସର ଫୁଲ୍-ଡ୍ରେସ୍ ପରେଡ୍ ରିହରସଲ୍ । ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ଶେଷ ହୋଇଛି ଫୁଲ ଡ୍ରେସ ରିହରସଲ୍ । ପୁଲିସ ଡିଜି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ପରେ ପରେଡ୍ ଆରମ୍ଭ ହୋଇଥିଲା । ଚଳିତଥର ପରେଡର ନେତୃତ୍ୱ ନେଉଛନ୍ତି ଯୁବ ଆଇପିଏସ୍ ରାକେଶ ସାହୁ । ଜାତୀୟ ପତାକାକୁ ସମ୍ମାନ ଦେଇ ଗୋଟେ ପରେ ଗୋଟେ କଣ୍ଟିଂଜେଣ୍ଟ ପରେଡସ୍ଥଳ ଅତିକ୍ରମ କରିଥିଲେ । ତେବେ ଚଳିତଥର ପରେଡ୍‌ରେ ୫୧ଟି କଣ୍ଟିଂଜେଣ୍ଟ ଅଂଶ ଗ୍ରହଣ କରିଥିଲେ । ଯେଉଁଥିରେ ସାମିଲ ଥିଲେ ଓଡ଼ିଶା ପୁଲିସର ବିଭିନ୍ନ ଫୋର୍ସ ସହ ଏସ୍‌ଓଜି, ଏନ୍‌ସିସି ସାଙ୍ଗକୁ ବିଭିନ୍ନ ସ୍କୁଲ କଲେଜ ଛାତ୍ରଛାତ୍ରୀ ।

ସବୁଠୁ ଆକର୍ଷଣୀୟ ଥିଲା ଡେୟାର ଡେଭିଲର ଦୁଃଶାସିକ ବାଇକ ଷ୍ଟଣ୍ଟ । ଏଥିସହ କୁନି କୁନି ପିଲାଙ୍କ ଦ୍ୱାରା ସ୍କେଟିଂ । ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୪ ପ୍ରଜ୍ଞାପନ ମେଢ଼ ମଧ୍ୟ ପରେଡରେ ସାମିଲ ହୋଇଥିଲେ । ରାଜ୍ୟ ସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ଭୁବନେଶ୍ୱର ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଭୁବନେଶ୍ୱରର ୨୩ ପ୍ଲାଟୁନ ପୁଲିସ ଫୋର୍ସ ସାଙ୍ଗକୁ କ୍ୟୁଆରଟି ଟିମ୍, ଡଗ ସ୍କ୍ୱାର୍ଡ ଓ ସାଧା ପୋଷାକଧାରୀ ସହ ବରିଷ୍ଠ ପୁଲିସ ଅଧିକାରୀମାନେ ସୁରକ୍ଷା ଉପରେ ନଜର ରଖିବେ । ସେହିଭଳି ରାଜ୍ୟ ସ୍ତରୀୟ ସାଧାରଣ ଦିବସ ପାଇଁ ଟ୍ରାଫିକ କଟକଣା କରାଯାଇଛି । ଗାନ୍ଧୀମାର୍ଗକୁ ଯାଉଥିବା ସମସ୍ତ ରାସ୍ତା ସିଲ୍ କରାଯାଇଛି ।

୨୮.୬୮ ଗ୍ରାମ୍ ବ୍ରାଉନ ସୁଗାର ଜବତ : ଦୁଇ ଗିରଫ

ତିର୍ତ୍ତୋଲ ୨୪/୧ ନ୍ୟୁଜ ବ୍ୟୁରୋ

ତିର୍ତ୍ତୋଲ ବ୍ଲକ କଟକ- ପାରାଦ୍ୱୀପ ରାସ୍ତା ବୀଣାପାଣି ମଣ୍ଡପ ଛକରୁ ତିର୍ତ୍ତୋଲ ପୋଲିସ ପାଟ୍ରୋଲିଂ ସମୟରେ ଦୁଇ ଜଣ ନିଶା ବେପାରୀଙ୍କୁ ଅଟକ ରଖିଥିଲେ । ସେମାନଙ୍କୁ ସନ୍ଦେହରେ ପଚରାଉଚରା କରିବାରୁ ତାଙ୍କ ନିକଟରୁ ୨୮.୬୮ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହିତ ଦୁଇଜଣଙ୍କୁ ଗିରଫ କରିଥିଲା । ଜଗତସିଂହପୁର ଜିଲ୍ଲାର ଏସ୍‌ପି ଭାବେ ଅଙ୍କିତ ବର୍ମା ଦାୟିତ୍ୱ ଗ୍ରହଣ କରିବା ପରେ ଅପରେସନ 'ପ୍ରହାର' ଦ୍ୱାରା ନିଶା ବ୍ୟବସାୟୀଙ୍କ ମଧ୍ୟରେ ଛନକା ପଶିଥିବା ବେଳେ, ଥାନା ଗୁଡିକ ପକ୍ଷରୁ ଜୋରଦାର ଛଢଉ ସହିତ ନିଶା ବ୍ୟବସାୟୀମାନଙ୍କୁ ଧାରାଯାଇ କୋର୍ଟ ଚାଲାଣ କରାଯାଉଛି ।

ବସ୍ ଧର୍ମଘଟ ନିଷ୍ପତ୍ତିରୁ ଓହରିଲା ଘରୋଇ ବସ୍ ମାଲିକ ସଂଘ

କଟକ, ୨୪/୦୧
ନ୍ୟୁଜ ବ୍ୟୁରୋ

ବସ୍ ଧର୍ମଘଟ ନିଷ୍ପତ୍ତିରୁ ଓହରିଲା ଓଡ଼ିଶା ଘରୋଇ ବସ୍ ମାଲିକ ସଂଘ । ସଂଘର ବୈଠକ ପରେ ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦିଆଯାଇଛି । ଫଳରେ ପୂର୍ବପରି ବସ୍ ସେବା ସ୍ୱାଭାବିକ ରହିବ ବୋଲି ଜଣାପଡ଼ିଛି । ରାଜ୍ୟ ସରକାର ଗ୍ରାମାଞ୍ଚଳରେ କିପରି ଅଧିକରୁ ଅଧିକ ବସ୍ ଚାଲିପାରିବ ସେଥିପାଇଁ ଲକ୍ଷ୍ମୀ ବସ୍ ସେବା ଆରମ୍ଭ କରିଥିଲେ । ପରେ ଏହାର ନାମକରଣ ମୁଖ୍ୟମନ୍ତ୍ରୀ ବସ୍ ସେବା କରାଯାଇଥିଲା । ପ୍ରଥମେ ଗାଁରୁ ବ୍ଲକ୍ ମୁଖ୍ୟାଳୟ ପର୍ଯ୍ୟନ୍ତ ଏହି ବସ୍ ଚଳାଚଳ କରୁଥିଲା । ଏବେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ବସ୍ ସେବା ଗାଁରୁ ଜିଲ୍ଲା ମୁଖ୍ୟାଳୟକୁ ଚଲାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହା ଦ୍ୱାରା ଘରୋଇ ବସ୍ ମାଲିକମାନେ କ୍ଷତିଗ୍ରସ୍ତ ହେବେ ବୋଲି ରାଜ୍ୟ ସରକାରଙ୍କ ନିକଟରେ ସଂଘ ପକ୍ଷରୁ ଅଭିଯୋଗ କରାଯିବା ସହ ଏହାକୁ ବନ୍ଦ କରିବାକୁ ଦାବି କରାଯାଇଥିଲା । ଅପରପକ୍ଷରେ କିଛି ଜିଲ୍ଲାରେ ଗ୍ରାମାଞ୍ଚଳରୁ ଜିଲ୍ଲା ମୁଖ୍ୟାଳୟକୁ ସରକାରୀ ବସ୍ ଚାଲିବା ପାଇଁ ଜିଲ୍ଲାପାଳମାନେ ନିର୍ଦ୍ଦେଶ ଦେଇଥିଲେ ।

ଛାଡ଼ପତ୍ର ପାଇଥିବା ଝିଅଙ୍କୁ ମିଳିବ ପରିବାର ପେନସନ୍ : ହାଇକୋର୍ଟ

କଟକ, ୨୪।୧ ନ୍ୟୁଜ ବ୍ୟୁରୋ

ଛାଡ଼ପତ୍ରପ୍ରାପ୍ତ ପାଇଥିବା ଝିଅଙ୍କୁ ନେଇ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ଉପରେ ନିର